ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK | ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.24 . No.267 Bhubaneswar Tuesday, December 14, 2021 | ୨୪ତମ ବର୍ଷ ସଂଖ୍ୟା-୨୬୭ ଭୁବନେଶ୍ୱର, ମଙ୍ଗଳବାର, ଡିସେମ୍ବର ୧୪, ୨୦୨୧ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

## ଦାସବର୍ମାଙ୍କ ବ୍ୟକ୍ତିଗତ ସହାୟକଙ୍କ ମୃତ୍ୟୁ ମାମଲାର ତଦନ୍ତ ପାଇଁ ଗଠନ ହେଲା ଏସ୍ଆଇଟି






ପୁରୀ, ୧୩।୧୨(ପି.ଏନ) : ପୁରୀ ଭାର୍ଗବୀ-ନୂଆନଈରୁ ଆଜି ମିଳିଥିଲା ଯୋଜନା ବୋର୍ଡର ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ବ୍ୟକ୍ତିଗତ ସହାୟକ ଚିତ୍ତରଞ୍ଜନ ପଲେଇଙ୍କ ମୃତଦେହ। ଚିତ୍ତରଞ୍ଜନଙ୍କ ପରିବାର ଲୋକଙ୍କ ଏତଲା ଆଧାରରେ ପୁଲିସ୍ ୩୦୨ ଓଟଉରେ ମାମଲା ରୁଜୁ କରିଛି। ତ୍ୱରିତ ତଦନ୍ତ ପାଇଁ ସ୍ୱଶାଳ ଇନଭେଷ୍ଟିଗେସନ୍ ଟିମ (SIT) ଗଠନ କରାଯାଇଛି। ପୁରୀ ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଗଠନ ହେଲା ୫ଓଞ୍ଚ।ଅଭିଯୋଗରୁ ପ୍ରକାଶ, ଶନିବାର ରାତିରେ ପୁରୀ ମାଟିଆପଡ଼ା ଅଞ୍ଚଳର ଜଗନ୍ନାଥ ଷଡ଼ଙ୍ଗୀ ଓରଫ ଜଗା ଘରେ ଆୟୋଜିତ ହୋଇଥିଲା ଭୋଜି। ସେଠାକୁ ଯାଇଥିଲେ ଚିତ୍ତରଂଜନ। କିନ୍ତୁ ଘରକୁ ଆଉ ଫେରିନଥିଲେ। ତାଙ୍କ ମୋବାଇଲ ବନ୍ଦ ରହିଥିଲା। ରବିବାର ଯାଏ କୌଣସି ପତ୍ତା ନମିଳିବାରୁ ସଦର ଥାନାରେ ଅଭିଯୋଗ କରିଥିଲେ ପରିବାର ଲୋକେ। ଖୋଳତାଡ଼ ଭିତରେ ଆଜି ନୂଆନଈରୁ ମିଳିଥିଲା ମୃତଦେହ।ଚିତ୍ତରଞ୍ଜନଙ୍କୁ ଯୋଜନା ବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ଏଥିରେ ଜଗନ୍ନାଥ ଷଡଙ୍ଗୀ ଓ ସଞ୍ଜୟ ଦାସବର୍ମାଙ୍କ ହାତ ଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ସେପଟେ ପୁଲିସ୍ କିନ୍ତୁ ଭିନ୍ନ କଥା କହିଥିଲା। ଶନିବାର ରାତିରେ ଭୋଜି ଚାଲିଥିବା ବେଳେ ଜଗା ଓ ଚିତ୍ତ ବାଇକ୍‌ରେ ବାହାରିଥିଲେ। ଭୋଜିସ୍ଥଳରୁ ପ୍ରାୟ ୨୦ କିଲୋମିଟର ଦୂର ଯିବା ପରେ ବାଇକ ଛିଟିକି ପଡ଼ିଥିଲା। ଘଟଣାସ୍ଥଳରେ ଅକ୍ଷତ ଅବସ୍ଥାରେ ଚେତା ହରାଇଥିଲେ ଜଗା। ରକ୍ତଛିଟା ମଧ୍ୟ ପଡ଼ିଥିଲା। ଘଟଣାସ୍ଥଳରେ ଘୋଷରା ଯାଇଥିବା ଚିହ୍ନ ମଧ୍ୟ ରହିଥିଲା।ଖବରପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଜଗାଙ୍କୁ ଉଦ୍ଧାର କରିଥିଲା ସତ, ହେଲେ ପାଖରେ ନଥିଲେ ଚିତ୍ତରଂଜନ। ହୋସ୍ ଆସିବା ପରେ କିଛି ଜାଣିନଥିବା ପୁଲିସକୁ କହିଥିଲା ଜଗା। ତେବେ ଏଠି ପ୍ରଶ୍ନ ଉଠୁଛି, ବାଇକ୍‌ରେ କାହିଁକି ଓ କୁଆଡ଼ ଯାଉଥିଲେ ଜଗା ଓ ଚିତ୍ତ ଯଦି ଏହା ଦୁର୍ଘଟଣା, ତେବେ ନଈରୁ ଚିତ୍ତଙ୍କ ମୃତଦେହ ମିଳିବା ପଛର କାରଣ କଣ ? ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚିବାକୁ ଯାଇ ଦୁର୍ଘଟଣାର ରୂପ ଦିଆଯାଉନି ତ କାରଣ ଚିତ୍ତ ଓ ଜଗା ହେଉଛନ୍ତି, ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କ ସହଯୋଗୀ।ପରିବାର ଲୋକଙ୍କ କହିବା କଥା, ଟଙ୍କା କାରବାରକୁ ନେଇ ପୂର୍ବରୁ ଉଭୟଙ୍କ ମଧ୍ୟରେ ଉଚ୍ଚବାଚ୍ଚ ହୋଇଥିଲା। ଏ ସଂପର୍କରେ ଦାସବର୍ମା ମଧ୍ୟ ଅବଗତ ଅଛନ୍ତି। ଯୋଜନା ବୋର୍ଡ ଉପାଧ୍ୟକ୍ଷଙ୍କ ବ୍ୟକ୍ତିଗତ ସହାୟକ ହେବା ପାଇଁ ଚିତ୍ତ ସମେତ ଏକାଧିକ ଆଶାୟୀଙ୍କ ଭିତରେ ଅନ୍ତଃକନ୍ଦଳ ଥିଲା ବୋଲି ଚର୍ଚ୍ଚା ହେଉଛି। ତେବେ ଏସବୁ କାରଣରୁ ଚିତ୍ତଙ୍କୁ ରାସ୍ତାରୁ ହଟାଇ ଦିଆଯାଇନି ତ ଘଟଣା ସମ୍ପର୍କରେ ଯଦି ଦାସବର୍ମା ଜାଣିଥିଲେ, ତେବେ କାହିଁକି ଏହି ବିବାଦକୁ ତୁଟାଇ ନଥିଲେ ଏବେ ଏଭଳି ପ୍ରଶ୍ନ ଉଠୁଥିବା ବେଳେ ସଞ୍ଜୟ ଦାସବର୍ମାଙ୍କ ଆଡ଼କୁ ସିଧାସଳଖ ଅଙ୍ଗୁଳି ଉଠାଇଛନ୍ତି ଚିତ୍ତଙ୍କ ପରିବାର ଲୋକେ। ସେପଟେ ପୁଲିସ ଏହି ମାମଲାରେ ଶାସନ ଦାମୋଦରପୁର ଗାଁର ଜଗା ଓ ଅନ୍ୟ ୨ ଜଣଙ୍କୁ ଧରି ପଚରାଉଚରା କରୁଛି।

### ସ୍କୁଲରେ ସଂକ୍ରମଣ ବ୍ୟାପିବା ଉପରେ ଜିଲ୍ଲା ପ୍ରଶାସନ ନଜର ରଖିଛି : ଗଣଶିକ୍ଷା ମନ୍ତ୍ରୀ

ଭୁବନେଶ୍ୱର, ୧୩।୧୨(ପି): ସ୍କୁଲ ଗୁଡିକରୁ କରୋନା ସଂକ୍ରମିତ ଚିହ୍ନଟ ପ୍ରସଙ୍ଗରେ ଜିଲ୍ଲା ପ୍ରଶାସନ ନଜର ରଖିଛି। ସ୍କୁଲ ଓ ଗଣଶିକ୍ଷା ବିଭାଗର ଏସଓପି ବି ରହିଛି। ଯେଉଁଠି ବି ପିଲାଙ୍କଠାରେ ଲକ୍ଷଣ ଆସୁଛି, ସ୍କୁଲ ଆସିବାକୁ ବାରଣ କରାଯାଉଛି। ଯେଉଁଠି ଆବଶ୍ୟକ ପଡୁଛି ଜିଲ୍ଲା ପ୍ରଶାସନ ଦେଖୁଛି ବୋଲି ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ସ୍କୁଲରେ ଟେଷ୍ଟ କରାଯାଉଛି। ଯେଉଁଠି ଆବଶ୍ୟକ ପଡୁଛି ଆଇସୋଲେସନ ବ୍ୟବସ୍ଥା ବି ରହିଛି। ଜଏଂଟ ମେଡିକାଲ ଟିମ୍ ବି ଅଛି। ଶିକ୍ଷା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମିଳିତ ଟିମ୍ କରାଯାଇଛି। ଆଇସୋଲେସନ କେସରେ କିଛି ଆସୁଛି। ଏହା ସମ୍ପୂର୍ଣ୍ଣ ଶିକ୍ଷା ବ୍ୟବସ୍ଥାରେ କୌଣସି ବାଧା ସୃଷ୍ଟି କରିବନି। ଶିକ୍ଷା ପ୍ରତି ପିଲାଙ୍କର ଆଗ୍ରହ ରହିଛି। କରୋନା ଭୟ ରହି ବି ପିଲାଙ୍କ ଉପସ୍ଥାନ ବଢୁଛି। ସବୁ ବ୍ୟବସ୍ଥା ସହ ଶିକ୍ଷାଦାନ କିପରି ଜାରି ରହିବ ସେ ନେଇ ବ୍ୟବସ୍ଥା କରାଯାଉଛି।

### ଆନ୍ଧ୍ରରେ ଓମିକ୍ରନ ଚିହ୍ନଟ ନେଇ ରାଜ୍ୟବାସୀ ଆତଙ୍କିତ ନହୁଅନ୍ତୁ : ଡିଏମଇଟି

ଭୁବନେଶ୍ୱର, ୧୩।୧୨(ପି): ଓଡିଶାର ପଡ଼ୋଶୀ ରାଜ୍ୟ ଆନ୍ଧ୍ରରେ ଓମିକ୍ରନ ବାହାରିବା ନେଇ ଆମ ପାଖରେ ଖବର ଅଛି। କିନ୍ତୁ ଏଥିପାଇଁ ରାଜ୍ୟବାସୀଙ୍କୁ ଭୟଭୀତ କିମ୍ବା ଆତଙ୍କିତ ନହୁଅନ୍ତୁ। ଯେଉଁମାନେ ବିଦେଶରୁ ଆସୁଛନ୍ତି ସେମାନଙ୍କର ବିମାନ ବନ୍ଦରରେ ଟେଷ୍ଟିଂ କରାଯାଉଛି। ଏପର୍ଯ୍ୟନ୍ତ ଆମ ଓଡ଼ିଶାରେ କୌଣସି ଓମିକ୍ରନ ସଂକ୍ରମିତ ଚିହ୍ନଟ ହୋଇନହାନ୍ତି ବୋଲି ଡିଏମଇଟି ରମାରମଣ ମହାନ୍ତି କହିଛନ୍ତି। ଅପରପକ୍ଷରେ ସ୍କୁଲଗୁଡ଼ିକରେ ସଂକ୍ରମିତ ଚିହ୍ନଟ ହେବା ପରେ ଗାଇଡଲାଇନକୁ କଡାକଡି ଭାବେ ପାଳନ କରିବାକୁ ସମସ୍ତ ଜିଲ୍ଲାକୁ ନିର୍ଦ୍ଦେଶ ଦେଇଛି ସ୍ୱାସ୍ଥ୍ୟ ବିଭାଗ।

## ଗୋଟିଏ ଦିନରେ ୧୭୮ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୩।୧୨(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୭୮ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୧୭୫୨ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୭ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୪୧ ହଜାର ୩୬୫ ହୋଇଛି । ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୮୯୮ ରହିଛି ।ଆଜି ଚିହ୍ନଟ ହୋଇଥିବା ୧୭୮ ଜଣଙ୍କ ମଧ୍ୟରୁ ୧୦୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୩ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୮ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧାରୁ ସବୁଠାରୁ ଅଧିକ ୮୫ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୨, ବାଲେଶ୍ୱର ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧ ଜଣ ଓ ଭଦ୍ରକ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗିର ଜିଲ୍ଲାରୁ ଓ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୧୩ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଗଜପତି ଓ ଗଂଜାମ ଜିଲ୍ଲାରେ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଜଗତସିଂହପୁର ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଯାଜପୁରରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୨ ଜଣ ସଂକ୍ରମିତ ହୋଇଥିବା ବେଳେ କଳାହାଣ୍ଡି ଓ କନ୍ଧମାଳ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କେନ୍ଦ୍ରାପଡ଼ାରୁ ୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।ଖୋର୍ଦ୍ଧାରୁ ୮୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ନୟାଗଡ ଓ ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସମ୍ବଲପୁରରୁ ୧୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୧୦ ଜଣ ଓ ଷ୍ଟେଟ୍ ପୁଲରୁ ୧୯ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

## କାଶୀ ବିଶ୍ୱନାଥ ଧାମର ସୌନ୍ଦର୍ଯ୍ୟକରଣ ଏବଂ ସାମଗ୍ରିକ ବିକାଶର ଅଭୁତ କାର୍ଯ୍ୟ

ଭୁବନେଶ୍ୱର, ୧୩।୧୨(ପି.ଏନ): ଭଗବାନ ଶିବଙ୍କ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଏକ ପ୍ରାଚୀନ ଧାର୍ମିକ ସହର କାଶୀ ବିଶ୍ୱନାଥ ଧାମର ସୌନ୍ଦର୍ଯ୍ୟକରଣ ଏବଂ ସାମଗ୍ରିକ ବିକାଶର ଅଭୁତ କାର୍ଯ୍ୟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲୋକାର୍ପଣ ହୋଇଯାଇଛି। ଆଜି ଦେଶର ସମସ୍ତ ଜ୍ୟୋର୍ତିଲିଙ୍ଗଙ୍କ ନିକଟରେ ଭବ୍ୟ କାର୍ଯ୍ୟକ୍ରମର ଆୟୋଜନ ହୋଇ "ଦିବ୍ୟ କାଶୀ-ଭବ୍ୟ କାଶୀ" କାର୍ଯ୍ୟକ୍ରମ ସିଧା ପ୍ରସାରଣ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଜିଲ୍ଲା ବିଜେପି ତରଫରୁ କାଶୀରେ "ଦିବ୍ୟ କାଶୀ-ଭବ୍ୟ କାଶୀ"ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଲୋକାର୍ପଣ ହୋଇଥିବା କାର୍ଯ୍ୟକ୍ରମକୁ ଏଲଇଡି ମାଧ୍ୟମରେ ପ୍ରଭୁ ଶ୍ରୀ ଲିଙ୍ଗରାଜ ମନ୍ଦିରଠାରେ ସିଧାପ୍ରସାରଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଉପସଭାପତି ବଳଭଦ୍ର ମାଝୀ, ସାଧାରଣ ସଂପାଦକ ଗୋଲକ ମହାପାତ୍ର ଓ ଡ.ଲେଖାଶ୍ରୀ ସାମନ୍ତସିଂହାର, "ଦିବ୍ୟ କାଶୀ-ଭବ୍ୟ କାଶୀ" ରାଜ୍ୟ ସଂଯୋଜକ ତଥା ବରିଷ୍ଠ ନେତା ଶାରଦା ଶତପଥୀ, ଜିଲ୍ଲା ପ୍ରଭାରୀ ଭୁବନ ମୋହନ ଜେନା, ଜିଲ୍ଲା ସଭାପତି ବାବୁ ସିଂ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ ମିଶ୍ର ପ୍ରମୁଖଙ୍କ ସମେତ ଜିଲ୍ଲା ତଥା ରାଜ୍ୟର ବହୁ ନେତୃବୃନ୍ଦ ଯୋଗ ଦେଇଥିଲେ । ଜିଲ୍ଲାର ସମସ୍ତ ମଣ୍ଡଳରେ ଏହି କାର୍ଯ୍ୟକ୍ରମର ସିଧାପ୍ରସାରଣ କରାଯାଇଥିଲା।

## ବ୍ୟବସାୟୀଙ୍କ ଠାରୁ ଛୁରି ଦେଖାଇ ୩ ଲକ୍ଷ ୭୦ ହଜାର ଟଙ୍କା ଲୁଟ ଘଟଣା, ୩ ଜଣଙ୍କୁ ଗିରଫ କଲା ରମ୍ଭା ପୋଲିସ



ଖଲ୍ଲିକୋଟ, ୧୩।୧୨(ପି.ଏନ): ଚଳିତ ମାସ ୧୦ ତାରିଖରେ ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ଥାନା ଚାରିଛକ ଗ୍ରାମର ବ୍ୟବସାୟୀ ରବିନ୍ଦ୍ର ସାହୁ ଏକ ପିକଅପ ଗାଡିରେ ନିଜ ଗ୍ରାମରୁ ବ୍ରହ୍ମପୁର ଆସୁଥିବା ବେଳେ ଲୁଟ୍ ? କରିଥିଲେ ଦୁର୍ବୃତ୍ତ । ରମ୍ଭା ଥାନା ସାଏବ କେନାଲ ନିକଟରେ ଗାଡିକୁ ଅଟକାଇବା ସହ ଛୁରି ଦେଖାଇ ୩ ଲକ୍ଷ ୭୦ ହଜାର ଟଙ୍କା ଏହି ଦୁର୍ବୃତ୍ତମାନେ ଲୁଟି ନେଇଥିଲେ । ଏନେଇ ରମ୍ଭା ଥାନାରେ ୫୬୩/୨୦୨୧ରେ ମାମଲା ରୁଜୁ ହୋଇ ପୁଲିସ ତଦନ୍ତ ଜାରିରଖିଥିଲା ।ଆଜି ଏହି ମାମଲାରେ ରମ୍ଭା ପୁଲିସ ଘଟଣାର ପର୍ଦ୍ଦାଫାଶ କରିବା ସହ ତିନି ଜଣଙ୍କୁ ଗିରଫ କରିଛି । ଗିରଫମାନେ ହେଲେ କୃଷ୍ଣପ୍ରସାଦ ଥାନା ଅଂଚଳର ମାନସ ପାହନ, ଗୌତମ ଜେନା ଓ ଦିନବନ୍ଧୁ ପଲେଇ । ସେମାନଙ୍କ ନିକଟରରୁ ଗୋଟିଏ ଭୁଜାଲି ଓ ୩ ଲକ୍ଷ ୭୦ ହଜାର ଟଙ୍କା ଜବତ କରାଯାଇଛି । ଏହି ଘଟଣାରେ ରବିନ୍ଦ୍ର ସାହୁଙ୍କ ଗାଡି ଚାଳକ ମାନସ ପାହାନ ହିଁ ଘଟଣାର ମାଷ୍ଟରମାଇଣ୍ଡ ବୋଲି ସାମ୍ବାଦିକ ସମ୍ମିଳନୀରେ ଗଞ୍ଜାମ ଅତିରିକ୍ତ ଏସପି ଠାକୁର ପ୍ରସାଦ ପାତ୍ର ସୂଚନା ଦେଇଛନ୍ତି । ଏହି ସମୟରେ ଥାନା ଅଧିକାରୀ ଦୀପ୍ତିରଞ୍ଜନ ବେହେରା ଉପସ୍ଥିତ ଥିଲେ ।

### ହଂକଂ ମିଡିଆ ଟାଇକୁନ ଜିମି ଲାଇଙ୍କୁ ୧୩ ମାସ ଜେଲ୍, ସହରରେ ଅଶାନ୍ତି ଖେଳାଇବା ନେଇ ହୋଇଥିଲା ଅଭିଯୋଗ

ନୂଆଦିଲ୍ଲୀ ୧୩।୧୨: ହଂକଂର ମିଡିଆ ଟାଇକୁନ ଏବଂ ପ୍ରମୁଖ ଗଣତନ୍ତ୍ର ସମର୍ଥକ ଜିମି ଲାଇଙ୍କୁ ମିଳିଲା ୧୩ ମାସର ଜେଲ ସଜା। ସହରରେ ଅଶାନ୍ତି ଖେଳାଇବା ଏବଂ ଗତ ବର୍ଷ ପ୍ରତିବନ୍ଧିତ ତିଆନମେନରେ କ୍ୟାଣ୍ଡେଲ ଶୋଭାଯାତ୍ରାରେ ତାଙ୍କର ଭୂମିକା ପାଇଁ ଗୁରୁବାର ଦୋଷୀ ସାବ୍ୟସ୍ତ ହୋଇଥିଲେ। ଆଜି ମାମଲାର ଶୁଣାଣି କରି ଜିମି ଲାଇଙ୍କୁ ଦଣ୍ଡିତ କରାଯାଇଛି।

## ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ମିଳିବ ମାଗଣା କୋଚିଂ, ୧୫ରୁ ପଂଜୀକରଣ

ଭୁବନେଶ୍ୱର, ୧୩।୧୨(ପି): ରାଜ୍ୟ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଶିକ୍ଷାନୁଷ୍ଠାନରେ ଏକାଦଶ ଶ୍ରେଣୀରେ ପଢୁଥିବା ଗରିବ ମେଧାବୀ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଜାତୀୟ ସ୍ତରୀୟ ପ୍ରବେଶିକା ପରୀକ୍ଷା ପାଇଁ ମାଗଣାରେ ଦିଆଯିବ କୋଚିଂ। ଏନେଇ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରକାଶ ପାଇଛି ବିଜ୍ଞପ୍ତି ।ବିଜ୍ଞପ୍ତି ଅନୁଯାୟୀ, ଏହି ଛାତ୍ରଛାତ୍ରୀଙ୍କୁ ମେଡିକାଲ (ନିଟ୍), ଆଇଆଇଟି, ଜେଇଇ (ଇଞ୍ଜିନିୟରିଂ) ଓ ନ୍ୟାସନାଲ ଡିଫେନ୍ସ ଏକାଡେମୀ (ଏନ୍‌ଡିଏ) ପ୍ରବେଶିକା ପରୀକ୍ଷାର ପ୍ରସ୍ତୁତି ପାଇଁ କୋଚିଂ ଦିଆଯିବ। ଆସନ୍ତା ୧୫ ତାରିଖରୁ ଛାତ୍ରଛାତ୍ରୀମାନେ ଏଥିପାଇଁ ନାମ ପଞ୍ଜୀକରଣ କରିପାରିବେ। ଙ୍କଭବମବୟରଙ୍କଛ.ମକ୍ଟଙ୍କ/scholarship/odisha-scholarship-testକୁ ଲଗ୍‌ଇନ୍ କରି ଅନ୍‌ଲାଇନ୍ ରେ ନାମ ପଞ୍ଜୀକରଣ କରିପାରିବେ। ଏହି ପଞ୍ଜୀକରଣ ଜାନୁଆରୀ ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ପଞ୍ଜୀକରଣ କରିଥିବା ଛାତ୍ରଛାତ୍ରୀଙ୍କର ପରୀକ୍ଷା କରିବା ପରେ କୋଚିଂ ପାଇଁ ମନୋନୟନ କରାଯିବ। ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷାର ୫୦ % ଓ ହେବାକୁ ଥିବା ପ୍ରବେଶିକା ପରୀକ୍ଷାର ୫୦ % ମାର୍କକୁ ମିଶାଇ ଯୋଗ୍ୟତା ଭିତିରେ କୋଚିଂ ପାଇଁ ମେଧା ବିଦ୍ୟାର୍ଥୀଙ୍କୁ ଚୟନ କରାଯିବ। ଯେଉଁ ଛାତ୍ରଛାତ୍ରୀ ପଞ୍ଜୀକରଣ କରିବେ ସେମାନେ ଜାନୁଆରୀ ୧୫ ତାରିଖ ପୂର୍ବାହ୍ଣ ୧୧ଟାରେ ପ୍ରବେଶିକା ପରୀକ୍ଷା ଦେବେ ।ସେହିଭଳି ଯେଉଁ ଛାତ୍ରଛାତ୍ରୀଙ୍କ ବାପାମା'ଙ୍କ ବାର୍ଷିକ ଆୟ ୬ ଲକ୍ଷ ଟଙ୍କାରୁ କମ୍ ସେମାନେ ଏଥିପାଇଁ ଆବେଦନ କରିପାରିବେ। +୨ କଳା, ବାଣିଜ୍ୟ, ବିଜ୍ଞାନ ଓ ଧନ୍ଦାମୂଳକ ପାଠ୍ୟକ୍ରମରେ ପଢୁଥିବା ବିଦ୍ୟାର୍ଥୀଙ୍କୁ ସୁଯୋଗ ମିଳିବ। ୩୦ ଜିଲାରେ ୨୦୨୧-୨୨ ଶିକ୍ଷାବର୍ଷରେ ମୋଟ ୧ ହଜାର ଛାତ୍ରଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯିବ। ମୋଟ ୩ ହଜାର ଛାତ୍ରଛାତ୍ରୀଙ୍କ ମେଧା ତାଲିକା ପ୍ରକାଶ ପାଇବ। ଯୋଗ୍ୟତା ଅର୍ଜନ କରିଥିବା ପ୍ରାର୍ଥୀ କୋଚିଂରେ ସାମିଲ ନ ହେଲେ ୱେଟିଂ ଲିଷ୍ଟ୍ ରେ ଥିବା ଛାତ୍ରଛାତ୍ରୀଙ୍କୁ ସୁଯୋଗ ଦିଆଯିବ। ଅନ୍ ଏକାଡେମୀ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ କୋଚିଂ ଦିଆଯିବ ବୋଲି ଜଣାଯାଇଛି।

## ପଞ୍ଚାୟତ ନିର୍ବାଚନ ପାଇଁ କସରତ ଆରମ୍ଭ, କେବଳ ତାରିଖକୁ ଅପେକ୍ଷା



ଭୁବନେଶ୍ୱର, ୧୩।୧୨(ପି.ଏନ) : ୨୦୨୧ ସରିବାକୁ ବସିଲାଣି। ୨୦୨୨ ହେବ ନିର୍ବାଚନର ବର୍ଷ। ଆସନ୍ତାବର୍ଷ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ଏଥିପାଇଁ ସବୁ ଦଳ ପ୍ରସ୍ତୁତି ଆରମ୍ଭ କରିଦେଲେଣି। ଆଉ କିଛି ଭିତରେ ନିର୍ବାଚନ ତାରିଖ ଘୋଷଣା କରାଯିବ। ହେଲେ ଏହା ପୂର୍ବରୁ ରାଜନୀତି ବେଶ ସରଗରମ ହେଲାଣି। କେଉଁ ଦଳ କାହାକୁ ପ୍ରାର୍ଥୀ କରିବ, ସେ ନେଇ କସରତ ଦେଖିବାକୁ ମିଳିଲାଣି। ଆଉ ଆଶାୟୀ ପ୍ରାର୍ଥୀମାନେ ମଧ୍ୟ ନିଜର ପୋଷ୍ଟର ଓ ବ୍ୟାନର୍ ଲଗାଇ ପରୋକ୍ଷ ଭାବେ ପ୍ରଚାର ଆରମ୍ଭ କରିଦେଇଛନ୍ତି ।ପଞ୍ଚାୟତ ନିର୍ବାଚନ କରିବା ଲାଗି ରାଜ୍ୟ ନିର୍ବାଚନ ଆୟୋଗ ମଧ୍ୟ ଜୋରସୋରରେ ପ୍ରସ୍ତୁତି ଚଳାଇଛନ୍ତି। ଏଥର ଭୋଟ ଦିନ ଗଣତି ନହୋଇ ଅନ୍ୟ ଦିନ ବ୍ଲକରେ ଗଣତି ହେବ। ତେଣୁ ୯୧ ହଜାର ୯୧୩ ଭୋଟ୍ ବାକ୍ସ ଆବଶ୍ୟକ ପଡିବ। ଏଥିଲାଗି ତେଲେଙ୍ଗାନାରୁ ୧୦ ହଜାର, ପଶ୍ଚିମବଙ୍ଗରୁ ୭ ହଜାର ଓ ଓଡିଶା ସ୍କଲ୍ ସ୍କଲ୍ ଇଣ୍ଡଷ୍ଟ୍ରିଠାରୁ ୧୬ ହଜାର ବ୍ୟାଲଟ୍ ବକ୍ସ ସଂଗ୍ରହ କରାଯାଉଛି। ରାଜ୍ୟରେ ମୋଟ ୮୫୩ଟି ଜିଲ୍ଲା ପରିଷଦ ଜୋନ୍ ?, ୬୮୦୧ଟି ପଂଚାୟତ ସମିତି ସଦସ୍ୟ, ୬୮୦୨ଜଣ ସରପଂଚ ଓ ୯୨୦୫୨ଟି ୱାର୍ଡ ମେମ୍ବର ପଦବୀ ନିମନ୍ତେ ଭୋଟଗ୍ରହଣ ହେବ। ଏଥିରେ ପ୍ରାୟ ୨.୮୦କୋଟି ଭୋଟର ନିଜର ମତାଧିକାର ସାବ୍ୟସ୍ତ କରିବେ। ଆସନ୍ତା ଜାନୁୟାରୀ ମାସରେ ସଂଶୋଧିତ ଭୋଟର ତାଲିକା ରାଜ୍ୟ ନିର୍ବାଚନ କମିଶନଙ୍କ ଦ୍ୱାରା ଜାରି ହେବ। ରାଜ୍ୟର ୩୧୪ ବ୍ଲକ ମଧ୍ୟରୁ ୧୫ଟି ବ୍ଲକ ଏମିତି ଅଛି ଯେଉଁଠି ସେଇ ବ୍ଲକ୍ ହିଁ କେବଳ ଜିଲ୍ଲା ପରିଷଦ ଜୋନ୍। ସେହିପରି ୨ ଜୋନ୍ ବିଶିଷ୍ଟ ୧୨୬ ବ୍ଲକ, ୩ଟି ଜୋନ୍ ବିଶିଷ୍ଟ ୧୧୫ ବ୍ଲକ, ୪ଟି ଜୋନ୍ ବିଶିଷ୍ଟ ୫୦ ବ୍ଲକ, ୫ଟି ଜୋନ୍ ବିଶିଷ୍ଟ ୭ ବ୍ଲକ, ୬ଟି ଜୋନ୍ ଥିବା ଗୋଟିଏ ବ୍ଲକ ରହିଛି। ଏଥର ଭୋଟଗ୍ରହଣ ପରେ ବ୍ଲକରେ ସେଣ୍ଟ୍ରାଲ୍ କାଉଣ୍ଟିଂ ହେବ।୮୫୩ ଜିଲ୍ଲା ପରିଷଦ ଜୋନ୍ ମଧ୍ୟରୁ ୩୧୫ ଜୋନ୍ ପ୍ରଥମ ପର୍ଯ୍ୟାୟରେ, ୩୦୭ଟି ଦ୍ୱାତୀୟ ପର୍ଯ୍ୟାୟରେ ଓ ୨୩୧ଟି ଥାର୍ଡ ଫେଜରେ ଗଣତି ହେବ। ଅନ୍ୟପକ୍ଷରେ ଏଥର ପଂଚାୟତ ନିର୍ବାଚନରେ ପ୍ରାର୍ଥୀଙ୍କ ଖର୍ଚ୍ଚ ସୀମାକୁ ବି ବଢାଇଛନ୍ତି ରାଜ୍ୟ ନିର୍ବାଚନ କମିଶନ। ସରପଞ୍ଚ ଓ ସମିତ ସଭ୍ୟ ୨ଲକ୍ଷ, ଜିଲ୍ଲା ପରିଷଦ ସଦସ୍ୟ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ କରିପାରିବେ ।ସୂଚନାଯୋଗ୍ୟ, ୨୦୧୭ ମସିହା ଭଳି ଆଗାମୀ ପଂଚାୟତ ନିର୍ବାଚନରେ ବାଲାଟ ପେପରରେ ଭୋଟରମାନେ ନିଜର ମତାଧିକାର ସାବ୍ୟସ୍ତ କରିବେ। ୱାର୍ଡମେମ୍ବର, ସରପଂଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ସଭ୍ୟଙ୍କ ପାଇଁ ଭିନ୍ନ ଭିନ୍ନ ରଙ୍ଗର ବାଲାଟ ପେପର ଉଦ୍ଦିଷ୍ଟ ରହିବ। ସାଧାରଣ ନିର୍ବାଚନ ଓ ବିଧାନସଭା ନିର୍ବାଚନରେ ଇଭିଏମ ମେସିନରେ ମତଦାନ ହେଉଥିବାବେଳେ ପଂଚାୟତ ନିର୍ବାଚନରେ ବାଲାଟ ପେପରରେ ନିର୍ବାଚନ କରାଇବାକୁ ରାଜ୍ୟ ନିର୍ବାଚନ କମିଶନ ନିଷ୍ପତ୍ତି ନେଇଛନ୍ତି। ପ୍ରଥମଥର ପାଇଁ ବ୍ଲକରେ ଭୋଟଗଣତି ହେଉଥିବାରୁ ସୁରକ୍ଷା ଓ ଭୋଟଗଣତି କେନ୍ଦ୍ର ଚୟନ କାର୍ଯ୍ୟକୁ କଡାକଡି କରିବାକୁ କମିଶନ ନିର୍ଦ୍ଦେଶ ଦେଇଛନ୍ତି ।ଭୋଟଗଣତି କେନ୍ଦ୍ର ମୁଖ୍ୟତଃ ବ୍ଲକ ମୁଖ୍ୟାଳୟରେ ହେବ। ଯଦି ବ୍ଲକ କାର୍ଯ୍ୟାଳୟରେ ସେଭଳି ଘରର ବ୍ୟବସ୍ଥା ନଥିବ ତା'ହେଲେ ବ୍ଲକ ମୁଖ୍ୟାଳୟରେ ଥିବା ହାଇସ୍କୁଲ କିମ୍ବା କଲେଜରେ ଭୋଟଗଣନା କେନ୍ଦ୍ରର ବ୍ୟବସ୍ଥା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି। କୌଣସି ପରିସ୍ଥିତିରେ ବି ଅସ୍ଥାୟୀ ଗୃହରେ ଭୋଟଗଣତି ହୋଇପାରିବ ନାହିଁ। ଭୋଟଗଣତି କେନ୍ଦ୍ରର ସାଇଜ୍ ଅତିକମରେ (୩୫ଫୁଟ ଓ ୨୦ଫୁଟ) ହେବା ଜରୁରୀ। ଯଦି କୌଣସି ବ୍ଲକରେ ୩ଟି ଜିଲ୍ଲା ପରିଷଦ ଜୋନରୁ ଅଧିକ ଜୋନ୍ ଥିବ ତା'ହେଲେ ସେଠାରେ ୨ଟି ଏଭଳି ହଲ୍ ଗଣନା ପାଇଁ ଆବଶ୍ୟକ ପଡିବ। ଭୋଟଗଣତି କେନ୍ଦ୍ରର ୧୦୦ମିଟର ପରିସର ଭିତରକୁ ମୋଟରଯାନ ପ୍ରବେଶ ନିଷେଧ। ଭୋଟ ଗଣତି କେନ୍ଦ୍ରକୁ ପ୍ରାର୍ଥୀ, ଏଜେଣ୍ଟ ଓ ଗଣନାକାରୀ କର୍ମଚାରୀମାନେ ନିଜର ଫୋନ୍ ଅବା କୌଣସି ପ୍ରକାରର ଇଲେକ୍‌ଟ୍ରୋନିକ୍ସ ଡିଭାଇସ୍ ନେଇପାରିବେ ନାହିଁ। ଭୋଟଦାନ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନଙ୍କୁ ଭୋଟ ଗଣତି କାର୍ଯ୍ୟରେ ସାମିଲ କରାଯିବ ନାହିଁ।

## ସ୍ମାର୍ଟ ହେଲ୍‌ଥ କାର୍ଡ ଯୋଜନାରେ ସାମିଲ ହେଲା କଟକ ଓ ଖୋର୍ଦ୍ଧା ଜିଲ୍ଲା

ଭୁବନେଶ୍ୱର, ୧୩।୧୨(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି କଟକ ଓ ଖୋର୍ଦ୍ଧା ଜିଲ୍ଲାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧୀନରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି। କଟକର ୧୮ ଲକ୍ଷ ଲୋକ ଏହି ସୁବିଧା ପାଇବା ବେଳେ ଖୋର୍ଦ୍ଧାର ପ୍ରାୟ ୧୪ ଲକ୍ଷ ଲୋକ ସ୍ମାର୍ଟ କାର୍ଡ ପାଇବେ। ଏହାସହିତ ରାଜ୍ୟର ୨୬ଟି ଜିଲ୍ଲାର ଜନସାଧାରଣ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇସାରିଲେଣି । ଏହି ଅବସରରେ ମୁଖ୍ୟମନ୍ତ୍ରୀ କଟକ ଜିଲ୍ଲାରେ ୧୫୦୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। କଟକ ବାଲିଯାତ୍ରା ପଡିଆରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସୁସ୍ଥ ଓଡିଶା ଓ ସୁଖୀ ଓଡିଶା ଲକ୍ଷ୍ୟ ପୂରଣ ଦିଗରେ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାର ନିଦର୍ଶନ ହେଉଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ ହେଲ୍‌ଥ କାର୍ଡ । ସ୍ୱାସ୍ଥ୍ୟ ହିଁ ସମ୍ପଦ । ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଦିଗରେ ଏହି କାର୍ଡ ରକ୍ଷା କବଚ ଭଳି ସେବା ଯୋଗାଇ ଚାଲିବ ବୋଲି ସେ କହିଥିଲେ । କଟକର ଏସସିବି ମେଡିକାଲ କଲେଜ କୁ ଏକ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟ ସେବା ଅନୁଷ୍ଠାନ ଭାବରେ ଗଢିବା ପାଇଁ ସରକାରଙ୍କ ପଦକ୍ଷେପ ବିଷୟରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଗାମୀ ଦିନରେ ଦେଶର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ମାଇଲ ଖୁଂଟ ହୋଇ ରହିବ। କଟକବାସୀଙ୍କ ପ୍ରିୟ ଶ୍ରମିକ ନେତା ବିଶ୍ୱନାଥ ପଣ୍ଡିତଙ୍କୁ ସ୍ମରଣ କରି ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ଯେ ବିଶ୍ୱନାଥ ପଣ୍ଡିତ ସେଂଟ୍ରାଲ ଲାଇବ୍ରେରୀକୁ ପୁରୀ-ଅନୁଗୁଳ ବସ୍‌ଷ୍ଟାଣ୍ଡ ନିକଟରେ ପୁନଃସ୍ଥାପିତ କରାଯାଇ ଏକ ଅତ୍ୟାଧୁନିକ ଲାଇବ୍ରେରୀ ଭାବରେ ନିର୍ମାଣ କରାଯିବ। ସେହିପରି ବେଗୁନିଆଠାରେ ଖୋର୍ଦ୍ଧା ଜିଲ୍ଲା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆରମ୍ଭ କରି ମୁଖ୍ୟମନ୍ତ୍ରୀ ସେଠାରେ ଏକ ହଜାର କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଖୋର୍ଦ୍ଧା ମାଟି ହେଉଛି ପ୍ରଥମ ସ୍ୱାଧୀନତା ସଂଗ୍ରାମର ଭୂମି। ଓଡିଆ ସ୍ୱାଭିମାନ ପାଇଁ ଲଢେଇ କରିଥିବା ବୀର ପାଇକମାନଙ୍କୁ ପ୍ରଣାମ ଜଣାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଓଡିଆ ଜାତିକୁ ତାର ହକ୍ ଦେବା ପାଇଁ ଆମର ଲଢେଇ ଜାରି ରହିବ । ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମିଶନ ଶକ୍ତିର ମାଆମାନେ ହେଉଛନ୍ତି ନୂଆ ଯୁଗର ସାରଥୀ। ଖୋର୍ଦ୍ଧାର ମିଶନ ଶକ୍ତିର ମାଆମାନେ ଭଲ କାମ କରୁଥିବାରୁ ଖୁସି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଖୋର୍ଦ୍ଧାରେ ୨୬ ହଜାରରୁ ଅଧିକ ମିଶନ ଶକ୍ତିର ମାଆମାନେ ୪୩୨ କୋଟିରୁ ଅଧିକ ଟଙ୍କା ଋଣ ନେଇ ସାରା ରାଜ୍ୟରେ ରେକର୍ଡ କରିଛନ୍ତି । ସେଥିପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ କଟକରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ, ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପଂଚାୟତି ରାଜ ମନ୍ତ୍ରୀ ପ୍ରତାପ ଜେନା, ବଡମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ ଖୋର୍ଦ୍ଧାରେ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଅଶୋକ ପଣ୍ଡା, କ୍ରୀଡା ଓ ଯୁବସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା, ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ।








# ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ଼ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ୍ୟ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି ।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ ‘ପର୍ଯ୍ୟବେକ୍ଷକ’ ୧୩ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ।

–ପ୍ରକାଶକ

## ପୁରାଣ କାହାଣୀ

# ମା’କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା’ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା’ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା’ ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା’ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା’ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା’ ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା’କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ–ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷିୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



‘ଜଙ୍ଗଲ୍ସ ଇନ୍ ପ୍ୟାରିସ’ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

## ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶ୍ରୁତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ତ୍ରେତୟା ଯୁଗରେ ବରୁଣେଇ: ସୀତାକୁଣ୍ଡ ଓ ଶ୍ରୀରାମ ପଥର



ବିଶ୍ୱରୂପା ପରମା ପ୍ରକୃତିର କୁହୁକ ସାମ୍ରାଜ୍ୟ ହେଲା ପୁଣ୍ୟଭୂମି ଭାରତବର୍ଷ। ଏଇ ଦେଶର ଆକାଶରେ ସୂର୍ଯ୍ୟ କପିଳବର୍ଣ୍ଣ ଧାରଣ କରେ ବସନ୍ତ ଋତୁରେ, ସୁବର୍ଣ୍ଣ ବର୍ଣ୍ଣ ଧାରଣ କରେ ଗ୍ରୀଷ୍ମଋତୁରେ, ଶ୍ୱେତବର୍ଣ୍ଣ ଧାରଣ କରେ ବର୍ଷାଋତୁରେ, ପାଣ୍ଡୁର ବର୍ଣ୍ଣ ଧାରଣ କରେ




ଶରତ ଋତୁରେ ଓ ଲୋହିତ ବର୍ଣ୍ଣ ଧାରଣ କରେ ଶିଶିର ଋତୁରେ। ପ୍ରାକୃତିକ ସୁଷମାରେ ବିମଣ୍ଡିତ ବରୁଣେଇ ପର୍ବତ ଯୁଗ ଯୁଗ ଧରି ତା'ର ଲୀଳାଖେଳାକୁ ସ୍ଥାନିତ କରିପାରିଛି। କପିଳ ସଂହିତା ଅନୁସାରେ ବରୁଣେଇ ପର୍ବତ ସତ୍ୟ ଯୁଗରୁ ବ୍ରହ୍ମାଙ୍କ ନିଜ ନିବାସ ରୂପେ ରହିଆସିଛି। ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର, ଭ୍ରାତା ଲକ୍ଷ୍ମଣ ଓ ପତ୍ନୀ ସୀତାଙ୍କ ସହିତ ଏଠାକୁ ଆସିଥିଲେ। ଅଜ୍ଞାତ ବନବାସ ସମୟରେ କେତେକ ଦିନ ଏଠାରେ ଅତିବାହିତ କରିଥିଲେ। ଦ୍ୱାପର ଯୁଗରେ ପଞ୍ଚୁପାଣ୍ଡବ ଗୁମ୍ଫା ଓ ପାହାଡ଼ର ନାମ ପାଣ୍ଡବହରା ପାହାଡ଼। ଯୁଗ ଯୁଗ ଧରି ବରୁଣେଇ ପୁରାଣ, କିଂବଦନ୍ତୀର ଚର୍ଚ୍ଚାରେ ରହିଆସିଛି। ବରୁଣେଇକୁ ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ର ଆସିଥିବାରୁ ସେତେବେଳେ କେଉଁ କେଉଁ ରାଜ୍ୟ କିଭଳି ସ୍ଥିତିରେ ଥିଲେ ସେ ପ୍ରସଙ୍ଗ ଆଲୋଚନା କରିବା। ପ୍ରଭୁ ରାମଚନ୍ଦ୍ରଙ୍କ ପିତା ଦଶରଥଙ୍କ ଅଧୀନରେ ଥିବା ରାଜ୍ୟଗୁଡ଼ିକ ହେଲା- ଦ୍ରାବିଡ଼, ସିନ୍ଧୁ, ସୌବିର, ସୌରାଷ୍ଟ୍ର, ଅଙ୍ଗ, ବଙ୍ଗ, ମଗଧ, ମତ୍ସ୍ୟ, କାଶୀ, କୋଶଳ ସହିତ ଦକ୍ଷିଣ ଭାରତ।

***“ଦ୍ରାବିଡାଃ ସିନ୍ଧୁ ସୌବିରାଃ/ ସୌରାଷ୍ଟ୍ର ଦକ୍ଷିଣା ପଥାଃ/ବଙ୍ଗାଙ୍ଗ ମଗଧା ମତ୍ସ୍ୟାଃ/ସମୃଦ୍ଧିଃ କାଶୀ କୋଶଳ।”***

***ରାମାୟଣ-୨/୧୦/୩୩***

“ଆମ ଓଡ଼ିଶା ଭୂଭାଗ ସେତେବେଳେ କଳିଙ୍ଗ, ଉତ୍କଳ ନାମରେ ପରିଚିତ ଥିଲା ଓ ଓଡ଼ିଶାର ପଶ୍ଚିମାଂଚଳ ଦକ୍ଷିଣ କୋଶଳ ରାଜ୍ୟ ଥିଲା। ପରବର୍ତ୍ତୀ ସମୟରେ ଉଡ୍ର, କଙ୍ଗୋଦ ଆଦି ରାଜ୍ୟର ସୃଷ୍ଟି ହୋଇଥିଲା। ପ୍ରାଚୀନ ଭାରତରେ ରାମାୟଣ ବର୍ଣ୍ଣିତ ରାଜ୍ୟ ହେଲା- ଅଙ୍ଗଦେଶ, ଅଙ୍ଗନୀୟା, ଆନ୍ଧ୍ର, ଅଯୋଧ୍ୟା, ଅବନ୍ତି, ଅବ୍ରବନ୍ତି, ଇନ୍ଦ୍ରଶିରି, ଉତ୍କଳ, ଉଶୀରବୀଜ, କଳିଙ୍ଗ, କାମ୍ପିଲ୍ୟ, କାମ୍ବୋଜ, କାଶୀ, କାରୁପଥ, କିଷ୍କିନ୍ଧା, କୁରୁ କୋଶଳ, କୋଶାମ୍ବି ଗୟା, ଗାନ୍ଧାର ଗିରିବ୍ରଜ। ରାମାୟଣ ପରେ ମହାଭାରତ ବେଳକୁ ଅନେକ ନୂତନ ରାଜ୍ୟ ଆସିଛି। ଭାରତବର୍ଷରେ ଥିବା ସମସ୍ତ ରାଜ୍ୟ ତଥା ସମଗ୍ର ଭାରତବର୍ଷରେ ସାତଟି ପର୍ବତକୁ କୁଳ ପର୍ବତ କୁହାଯାଇଛି। ମହେନ୍ଦ୍ର ପର୍ବତ ହେଲା ସାତକୁଳ ପର୍ବତ ମଧ୍ୟରେ ଶ୍ରେଷ୍ଠ। ଏହା ଗଜପତି ଜିଲ୍ଲାରେ ଅବସ୍ଥିତ। ରାମାୟଣ ଯୁଗରେ ହନୁମାନ ଏହି ପର୍ବତରୁ ଡେଇଁ ଲଙ୍କାକୁ ଯାଇଥିଲେ। ମହାଭାରତ ଅନୁସାରେ ପଞ୍ଚପାଣ୍ଡବ ଏହି ପର୍ବତରେ





ରାତ୍ରିଯାପନ କରିଥିଲେ। ହନୁମାନ ମହେନ୍ଦ୍ର ପର୍ବତକୁ ଆରୋହଣ କରିବା ସମୟରେ ରାମାୟଣରେ ବର୍ଣ୍ଣନା ହେଲା, ***“ତେତସ୍ତୁ ମାରୁତ ପ୍ରଖ୍ୟାଃ ସହରିମରୁତାତ୍ମଜଃ, ଆରୁରୋହନଗଶ୍ରେଷ୍ଠଂ ମହେନ୍ଦ୍ର ମରିମର୍ଦ୍ଦନଃ।”*** କୁଳ ପର୍ବତ ବର୍ଣ୍ଣନାରେ ଭାରତର ପ୍ରତ୍ୟେକ କବି ମହେନ୍ଦ୍ର ପର୍ବତର ନାମ ପ୍ରଥମେ ବର୍ଣ୍ଣନା କରିଛନ୍ତି। ***ମହେନ୍ଦ୍ରୋମଳଃ ସହ୍ୟ ଶୁକ୍ତିମାନ ରକ୍ଷ ପର୍ବତଃ। ବିନ୍ଧ୍ୟଶ୍ଚ ପାରିଜାତଶ୍ଚ କୁଳପର୍ବତାଃ (ବିଷ୍ଣୁ ପୁରାଣ)।*** ଭାରତ ସାତଟି କୁଳପର୍ବତ ହେଲା- ହିମାଳୟ, ବିନ୍ଧ୍ୟାଚଳ, ମଳୟ ପର୍ବତ, ଋକ୍ଷ ପର୍ବତ, ଶୁକ୍ତିମାନ, ପାରିଜାତ ଓ ମହେନ୍ଦ୍ରଗିରି। ଆମ ଓଡ଼ିଶାରେ ପାରିଜାତ ପର୍ବତମାଳାରୁ ବାହାରିଥିବା ନଦୀଗୁଡ଼ିକ ହେଲେ “ମହାନଦୀ ଓ ବ୍ରାହ୍ମଣୀ”।

ପୁରାଣପ୍ରସିଦ୍ଧ ମହେନ୍ଦ୍ରଗିରି ପର୍ବତରୁ ଯେଭଳି ମହାବୀର ହନୁମାନ ଲଙ୍କା ଯାଇଥିଲେ ଏବଂ ଦ୍ୱାପର ମହାଭାରତ ଯୁଗରେ ପଞ୍ଚପାଣ୍ଡବ ମହେନ୍ଦ୍ରଗିରିରେ ଅଜ୍ଞାତବାସ ସମୟରେ ରହିଥିଲେ ଠିକ୍ ସେଭଳି ବରୁଣେଇ ପର୍ବତରେ ପ୍ରଭୁ ଶ୍ରୀରାମ, ଭାଇ ଲକ୍ଷ୍ମଣ ଓ ପତ୍ନୀ ସୀତାଙ୍କ ସହ ଏଠାରେ ରହିଥିଲେ ଏବଂ ପରବର୍ତ୍ତୀ ସମୟରେ ପଞ୍ଚପାଣ୍ଡବ ମଧ୍ୟ ଏଠାକୁ ଆସିଥିଲେ। ବରୁଣେଇ ପର୍ବତ ଉଭୟ ତ୍ରେତୟା ଯୁଗ ଓ ଦ୍ୱାପର ଯୁଗର ସ୍ମୃତି ବହନ କରୁଥିବାରୁ ଏହା ଉତ୍କଳ ଭୂଖଣ୍ଡରେ ‘ପୁରାଣ ପ୍ରସିଦ୍ଧ ପର୍ବତ’ ଭାବେ ଖ୍ୟାତ ଅର୍ଜନ କରିଛି। କଷ୍ଟସାଧ ପରିଶ୍ରମ କରି ଯେଉଁମାନେ ପାଣ୍ଡହରା ପାହାଡ଼ର ଶିଖର ଦେଶକୁ ଯାଇ ଶ୍ରୀରାମ ପଥର, ସୀତାକୁଣ୍ଡ ଓ ପାଣ୍ଡବ ଗୁମ୍ଫା ଦେଖନ୍ତି ସେମାନେ ନିଜକୁ ଗର୍ବିତ ମନେକରନ୍ତି ଓ ଶତଜନ୍ମର ପୁଣ୍ୟଫଳ ପାଇଛନ୍ତି ବୋଲି ଅନୁଭବ କରନ୍ତି।

ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ର ବରୁଣାଇ ପର୍ବତର ପାଣ୍ଡହରା ପାହାଡ଼ ଉପରକୁ ଆସିଥିବା ପୂର୍ବରୁ ଆଲୋଚନା କରିଛେ। ସେଠାରେ ଥିବା ‘ଶ୍ରୀରାମ ପଥର’ ଓ



‘ସୀତାକୁଣ୍ଡ ସ୍ମାରକୀ’ ଭାବେ ରହିଛି। ପାହାଡ଼ ଶିଖରରେ ଥିବା ସୀତାକୁଣ୍ଡରେ ବର୍ଷସାରା ଜଳ ପୂର୍ଣ୍ଣଭାବରେ ଥାଏ। ତାହାହିଁ ସୀତାକୁଣ୍ଡର ବିଶେଷତ୍ୱ। ଏଠାରେ ଶ୍ରୀରାମଚନ୍ଦ୍ରଙ୍କ ନାମରେ ଶ୍ରୀରାମ ପଥର ଓ ସୀତା ଯେଉଁ କୁଣ୍ଡ ସ୍ଥାପନ କରିଥିଲେ ତାହା ସୀତାକୁଣ୍ଡ ନାମରେ ପରିଚିତ। ଏହି କୁଣ୍ଡରୁ ପାଣି କେବେ ଶୁଖେନାହିଁ ବୋଲି ଜନଶ୍ରୁତି ଅଛି। ଶ୍ରୀରାମଙ୍କ ବିଭିନ୍ନ ଋଷି ଆଶ୍ରମରେ ବିଭିନ୍ନ ସମୟରେ ରହଣି ସମୟ ଥିଲା ଖ୍ରୀ.ପୂ. ୨୨.୩.୪୪୦୯ରୁ ୨୩.୩.୪୩୯୯ ଯାହାର ଅବଧି ଥିଲା ଦଶବର୍ଷ। ଏହି ଦଶବର୍ଷ ମଧ୍ୟରେ ଖୋର୍ଦ୍ଧା ବରୁଣେଇକୁ କିଛିଦିନ ପାଇଁ ଆସିଥିବା ମନେହୁଏ। ହୁଏତ ସେଠାରେ କୌଣସି ଋଷି ଅବସ୍ଥାନ କରୁଥିବେ। ବରୁଣେଇକୁ ଆସିବା ସମୟରେ ପ୍ରଭୁ ରାମଚନ୍ଦ୍ର ନିରାକାରପୁର ନିକଟ ରାମେଶ୍ୱରଠାରେ ଚିତ୍ରକୂଟ ପାହାଡ଼ରେ ଥିବା କଥା ମଧ୍ୟ ପ୍ରକାଶ କରିଛନ୍ତି। ପାଣ୍ଡହରା ପାହାଡ଼ରେ ଶ୍ରୀରାମ ପଥର, ସୀତା କୁଣ୍ଡ ତ୍ରେତୟା ଯୁଗର ଘଟଣାକୁ ମନେପକାଇଦିଏ। ଏଠାରେ ମଧ୍ୟ ରହିଛି ପାଣ୍ଡହରା ଗୁମ୍ଫା ବା ପାଣ୍ଡବହରା ଗୁମ୍ଫା। ପାଣ୍ଡବମାନେ ପଶାଖେଳରେ ହାରି ଅଜ୍ଞାତ ବନବାସ କାଳରେ ଏଠାରେ ଥିବାରୁ ଏହାର ନାମ କେଉଁଠି ପାଣ୍ଡବ ଗୁମ୍ଫା ହୋଇଛି। ଏଠାରେ ଶହେ ଜଣ ଲୋକ ସୁରୁଖୁରୁରେ ବସିପାରିବେ। ଏହି ସ୍ଥାନରୁ ଶହେ ଫୁଟ୍ ଦୂରରେ ପୂର୍ବ ଦିଗରେ ସାମାନ୍ୟ ଉଚ୍ଚରେ



ଅଛି ‘ବାଘ ଗୁମ୍ଫା’। ବାଘମାନଙ୍କର ଏହା ରହଣିସ୍ଥଳ ଥିଲା। ବଣଭୋଜି ସମୟରେ ଏ ସ୍ଥାନର ମଜା ନିଆରା। ଗୁମ୍ଫା ଭିତରେ ବସିହେବ, ଶୋଇହେବ। ପାଇକମାନେ ବିଶେଷତଃ ପାଇକ ବିଦ୍ରୋହ ସମୟରେ ବକ୍ସି ଜଗବନ୍ଧୁଙ୍କର ଏଠାରେ ମନ୍ତ୍ରଣା ହେଉଥିଲା। ପୂର୍ବେ ବହୁ ମୁନି ଋଷିମାନେ ଏଠାରେ ବାସ କରିଥିବାରୁ ଏ ସ୍ଥାନର ପବିତ୍ରତା ଥିଲା। ସେଥିପାଇଁ ପାଇକନେତାମାନେ ବଦ୍ଧମୂଳ ଧାରଣା ଥିଲା ଯେ, ଏ ସ୍ଥାନର ପବିତ୍ରତା ଯୋଗୁଁ ସେମାନେ ଜୟଯୁକ୍ତ ହେବେ। ଶୁଣାଯାଏ ପାଣ୍ଡବ ଗୁମ୍ଫାରେ ରହୁଥିବା ସନ୍ନ୍ୟାସୀମାନେ ନିକଟରେ ଥିବା ବାଘଗୁମ୍ଫାର ବାଘମାନେ ସେମାନଙ୍କର କିଛି କ୍ଷତି କରୁନଥିଲେ, ବରଂ ବାଘମାନେ ଋଷିମାନଙ୍କର ବଶ୍ୟତା ସ୍ୱୀକାର କରିଥିଲେ। ବରୁଣେଇର ପାଣ୍ଡବ ଗୁମ୍ଫାରେ ମୁନିଋଷିମାନେ ବଣ୍ୟପଶୁମାନଙ୍କ ମେଳରେ ଦିନ କାଟିଥିବେ ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ।

ତ୍ରେତୟା ଯୁଗରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ଦ୍ୱାପର ଯୁଗରେ ପଞ୍ଚୁପାଣ୍ଡବ ଏଠାକୁ ଆସିଥିବାର କଂବଦନ୍ତୀ ରହିଛି। ବରୁଣେଇ ପର୍ବତର ପାଣ୍ଡହରା ପାହାଡ଼ର ଶୀର୍ଷରେ ଥିବା ପାଣ୍ଡବ ଗୁମ୍ଫା, ସୀତାକୁଣ୍ଡ, ଶ୍ରୀରାମ ପଥର ବିଭିନ୍ନ ଯୁଗ ବା ସମୟର କୀର୍ତ୍ତିରାଜି ନେଇ ମତ ଉପସ୍ଥାପିତ ହୋଇଛି।

**ସତ୍ୟବାଦୀ ବଳିଆରସିଂହ**
*ବିଶ୍ୱାତ୍ମା, ଏମ୍-୨୩, ବର୍କ୍ସି ଜଗବଂଧୁ ନଗର, ଖୋର୍ଦ୍ଧା,*
*ଦୂରଭାଷ: ୯୨୩୭୦୮୯୫୦୯*

# କେନ୍ଦ୍ରାପଡାରେ ସଂଯୁକ୍ତ କୃଷକ ଆନ୍ଦୋଳନର ବିଜୟ ଉତ୍ସବ ପାଳିତ




କେନ୍ଦ୍ରାପଡା (ପିଏନ୍): ଏକ ଦୀର୍ଘମିଆଦି, ଶାନ୍ତିପୂର୍ଣ୍ଣ, ଗଣତାନ୍ତ୍ରିକ ଏବଂ ଐତିହାସିକ ମିଳିତ କୃଷକ ଆନ୍ଦୋଳନର ଅସାଧାରଣ ବିଜୟ ହୋଇଛି । ଏକବର୍ଷ ଧରି ଲକ୍ଷଲକ୍ଷ କୃଷକମାନଙ୍କ ଅସିମ ତ୍ୟାଗ, ସଂଘର୍ଷ ଏବଂ ନିପୀଡନ ସହିତ ୭୧୫ଜଣ କୃଷକ ଏହି ବିଜୟ ପାଇଁ ସହିଦ ହେବାକୁ ପଡିଛି । କୃଷକ ଆନ୍ଦୋଳନର ଏହି ଅସମ୍ଭବ ପ୍ରତିବଦ୍ଧତା, ସାହସ ଏବଂ ସଙ୍କଳ୍ପ ସାମ୍ନାରେ ଦେଶର ଏକଚ୍ଛତ୍ରବାଦୀ ଏବଂ ଜନବିରୋଧି ସରକାର ମୁଣ୍ଡ ନୁଆଁଇ କୃଷକମାନଙ୍କର ସମସ୍ତ ଦାବିଗୁଡ଼ିକୁ ଗ୍ରହଣ କରିବା ପାଇଁ ବାଧ ହୋଇଛନ୍ତି । ଏହି ସଂଘର୍ଷ ଏବଂ ବିଜୟ ଭବିଷ୍ୟତରେ ଦେଶର ଗଣତାନ୍ତ୍ରିକ ଆନ୍ଦୋଳନକୁ ନିଶ୍ଚୟ ପ୍ରଭାବିତ କରିବ । ସ୍ୱାଧିନ ଭାରତର ଇତିହାସରେ ଏହା ଏକ ପ୍ରେରଣାଦାୟୀ ଅଧ୍ୟାୟ ବୋଲି ସଂଯୁକ୍ତ କିଷାନ ମୋର୍ଚ୍ଚା ପ୍ରକାଶ କରିଛି । ସଂଯୁକ୍ତ କିଷାନ ମୋର୍ଚ୍ଚା ଏହି ବିଜୟ ପାଇଁ ଦେଶର ସମସ୍ତ ପ୍ରତିବାଦକାରୀ କୃଷକ ଏବଂ କୃଷି ଶ୍ରମିକମାନଙ୍କୁ ଅଭିନନ୍ଦନ ଜଣାଇଛି । ଯେଉଁମାନେକି ନିଷ୍ଠା ଏବଂ ଆନ୍ତରିକତାର ସହିତ କୃଷକ ଆନ୍ଦୋଳନକୁ ସମର୍ଥନ ଦେଇଛନ୍ତି । ସଂଯୁକ୍ତ କିଷାନ ମୋର୍ଚ୍ଚା ମଧ୍ୟ ଗଣତାନ୍ତ୍ରିକ ଶକ୍ତି ମହିଳା, ଯୁବ, ଛାତ୍ର, ଅନୁସୂଚିତ ଜନଜାତି, ଦଳିତ ଇତ୍ୟାଦି ସକଳ ସ୍ତରର ସଂଗଠନ, ବ୍ୟକ୍ତିବିଶେଷ, ବୁଦ୍ଧିଜୀବି ଏବଂ ଜନବାଦୀ ସାମ୍ବାଦିକ, ସ୍ଥାନୀୟ ବାସିନ୍ଦା ମାନଙ୍କୁ ଶୁଭେଚ୍ଛା, କୃତଜ୍ଞତା ଏବଂ ଅଭିନନ୍ଦନ ଜଣାଇଛି । କୃଷକ ଆନ୍ଦୋଳନକୁ ବଦନାମ କରିବା ପାଇଁ ହୋଇଥିବା ସମସ୍ତ ପ୍ରତିବନ୍ଧକ ଏବଂ ଚକ୍ରାନ୍ତକୁ ପ୍ରତିହତ କରି ମୂଳ ଲକ୍ଷ୍ୟ ହାସଲ କରିବା ପାଇଁ ସଂଯୁକ୍ତ କିଷାନ ମୋର୍ଚ୍ଚାର ସର୍ବ ଭାରତୀୟ ନେତୃତ୍ୱ ନିଜ ଧୈର୍ଯ୍ୟ ଏବଂ ପରିପକ୍ୱତାର ପରିଚୟ ଦେଇଛନ୍ତି । ମୋଦି ସରକାର କୃଷି ଏବଂ କୃଷକ ବିରୋଧି ୩ଟି କଳା କୃଷି ଆଇନକୁ ପ୍ରତ୍ୟାହାର କରିବା ସହିତ ଏହି ସଂକ୍ରାନ୍ତିୟ ବିଲ୍‌କୁ ସଂସଦରେ ପାରିତ କରିଛନ୍ତି । ଏହା ଏକ ଐତିହାସିକ ବିଜୟ ଅଟେ । ଅନ୍ୟ ସମସ୍ତ ଦାବି ଗୁଡିକ ପୁରଣ କରିବା ପାଇଁ ସରକାର ଲିଖିତ ପ୍ରତିଶୃତି ଦେଇଛନ୍ତି । ଏହି ପ୍ରେକ୍ଷାପଟରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଏହି ଅନ୍ଦୋଳନକୁ ଆଜି ଦିନରେ ପ୍ରତ୍ୟାହାର କରିନେବା ସହିତ ସାରା ଦେଶରେ ଉତ୍ସବ ପାଳନ ପାଇଁ ଘୋଷଣା କରିଥିଲା । ଏଥି ସହିତ ଏମ୍.ଏସ୍.ପି ପାଇଁ ସଂଗ୍ରାମ ଜାରି ରହିବ ବୋଲି ମୋର୍ଚ୍ଚା ଘୋଷଣା କରିଛି । ଏହି ଅବସରରେ କେନ୍ଦ୍ରାପଡା ସହରସ୍ଥିତ ପୁରୁଣା ବସଷ୍ଟାଣ୍ଡରେ ଥିବା ଗାନ୍ଧି ଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତି ନିକଟରେ ସଂଯୁକ୍ତ କିଷାନ ମୋର୍ଚ୍ଚା କେନ୍ଦ୍ରାପଡା ଜିଲ୍ଲା ଶାଖା ପକ୍ଷରୁ ବାଣ ଫୁଟାଇ ଓ ମିଷ୍ଟାନ୍ନ ବଣ୍ଟନ କରି ବିଜୟ ଉତ୍ସବ ପାଳନ କରାଯାଇଥିଲା । ଆଜିର ଏହି ବିଜୟ ଉତ୍ସବରେ କିଷାନ କଂଗ୍ରେସର ବରିଷ୍ଠ ନେତା ପ୍ରଫୁଲ୍ଲ କୁମାର ଦାସ ସଭାପତିତ୍ୱ କରିଥିଲେ । ସଂଗଠନର ଆବାହକ ତଥା ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ସିପିଆଇ ଜିଲ୍ଲା ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ଏସ୍‌ୟୁସିଆଇ(କମ୍ୟୁନିଷ୍ଟ)ର ଜିଲ୍ଲା ସମ୍ପାଦିକା ଏଲିନା ସାମନ୍ତରାୟ, ସିପିଆଇ(ଏମ୍‌ଏଲ୍) ନେତା ପ୍ରକାଶ ମଲ୍ଲିକ, ସିଆଇଟିୟୁ ଜିଲ୍ଲା ସମ୍ପାଦକ ଜଗତ ଜୀବନ ଦାଶ, ଗ୍ରାମୀଣ ଚାଷି ମୁଲିଆ ସଂଘର ସଭାପତି ଫକିର ଚରଣ ଖଟୁଆ, କିଷାନ କଂଗ୍ରେସର ରାଜ୍ୟ ଉପସଭାପତି ମହେନ୍ଦ୍ର ପରିଡା, ଏଆଇକେଏସ୍ ଜିଲ୍ଲା ନେତା ଆଦିକନ୍ଦ ରାଉଳ, ଓସିଡବ୍ଲୁର ଜିଲ୍ଲା ସମ୍ପାଦକ ମାଧବ ଦାସ, ଓଡିଶା କୃଷକ ସଭାର ଜିଲ୍ଲା ନେତା ବିଜୟ ଦାସ, ଏଆଇକେଏସ୍ ଜିଲ୍ଲା ଆବାହକ ପଦ୍ମନାଭ ଦାସ, ନବନିର୍ମାଣ କୃଷକ ସଂଗଠନର ଜିଲ୍ଲା ଆବାହକ ଦାଶରଥୀ ସାହୁ, ଭାଗିରଥୀ ଜେନା, ଦୋଳ ଗୋବିନ୍ଦ ସାହୁ, ବିଧୁଭୂଷଣ ମହାପାତ୍ର, ପ୍ରଶନ୍ନ ଦାସ, ସୁହାନା ବେଗମ୍, ବିପଦ ଭଞ୍ଜନ ବାରିକ, ଯସ୍ମିନ ପରୱିନ, ବସନ୍ତ ସେଠୀ, ବସନ୍ତ ମଲ୍ଲିକ, ସମ୍ପିତ ଶ୍ରୀଚନ୍ଦନ, ପରଭେଜ ଅକ୍ତର, ସୋମନାଥ ବିଶ୍ୱାଳ ପ୍ରମୁଖ ଏହି ଉତ୍ସବରେ ନେତୃତ୍ୱ ନେଇଥିଲେ ।

# କ୍ୟାପିଟାଲ୍ ମସ୍‌ଜିଦ୍ ପକ୍ଷରୁ ପ୍ରତିରକ୍ଷା ମୁଖ୍ୟ ଶ୍ରୀ ବିପିନ ରାଓ୍ୱତଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର (ପିଏନ୍)-ଭୁବନେଶ୍ୱରର ୟୁନିଟ୍-୪ସ୍ଥିତ କ୍ୟାପିଟାଲ୍ ମସ୍‌ଜିଦ୍ ପକ୍ଷରୁ ପ୍ରତିରକ୍ଷା ବାହିନୀ(ସିଡିଏସ୍) ମୁଖ୍ୟ ଶ୍ରୀ ବିପିନ ରାଓ୍ୱତ ଓ ତାଙ୍କ ପତ୍ନୀ ମଧୁଲିକା ରାଓ୍ୱତ ତଥା ଦେଶର ଅନ୍ୟ ୧୧ଜଣ ବୀର ଯବାନମାନଙ୍କୁ ନୀରବରେ ମହମବତୀ ଜଳାଇ ଗଭୀର ଶ୍ରଦ୍ଧାଞ୍ଜଳି ଦିଆଯାଇଛି । ମସଜିଦ୍‌ର ସଭାପତି ସୟିଦ୍ ଅଲତାଫ୍ ଅଲ୍ଲୀ, ସମ୍ପାଦକ ଏସ୍.କେ ତହମୁଲ୍ ହୁସେନ୍‌ଙ୍କ ଉପସ୍ଥିତିରେ ଭୁବନେଶ୍ୱରସ୍ଥ କ୍ୟାପିଟାଲ୍ ମସ୍‌ଜିଦ୍ ସାମ୍ନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଭାରତୀୟ ପ୍ରତିରକ୍ଷା ବାହିନୀ (ସିଡିଏସ୍) ମୁଖ୍ୟ ଶ୍ରୀ ବିପିନ ରାଓ୍ୱତ ଓ ତାଙ୍କ ପତ୍ନୀ ମଧୁଲିକା ରାଓ୍ୱତ ତଥା ଦେଶର ଅନ୍ୟ ୧୧ଜଣ ବୀର ସୈନିକଙ୍କ ପାଇଁ ରାତିରେ ନୀରବରେ ମହମବତୀ ଜଳାଇ ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ସେମାନଙ୍କର ଦେଶ ନିମନ୍ତେ ସମର୍ପିତ ଆତ୍ମାକୁ ସମ୍ମାନ ଜଣାଇ ସମସ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରାର୍ଥନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ଆଇନ୍‌ଜୀବୀ ମହମ୍ମଦ ଜିଆଉଲ୍ ହକ୍, ମିର୍ଜା ରିଆଜ୍ ବୈଗ୍, ବରିଷ୍ଠ ସମାଜସେବୀ ସଫଦର ହାସିମ୍ ଏବଂ ମହମ୍ମଦ ଫାରୁକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

# ବର୍ଷା ଯୋଗୁଁ ଚାଷୀଙ୍କ ଦୁର୍ଦ୍ଦଶା ବଢୁଛି



ଖଣ୍ଡପଡା (ପିଏନ୍): ବାତ୍ୟା ପ୍ରଭାବରେ ଲଗାଣ ବର୍ଷା ପରେ ଗତ ବୁଧବାର ରାତିରୁ ପୁଣି ଝିପ ଝିପ ବର୍ଷା ଲାଗି ରହିଥିଲା । ବର୍ଷା ଧାନ ଫସଲ ଅମଳରେ ବାଧକ ସାଜିଥିବା ବେଳେ ଖଣ୍ଡପଡା ଅଂଚଳର ଚାଷୀଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି । ଜମିରେ କଟା ହୋଇପଡିଥିବା ଧାନ ବର୍ଷାରେ ଭିଜୁଛି । ଖଳାବାରିରେ ଶହ ଶହ କଳେଇ ଧାନ ମଧ୍ୟ ବର୍ଷାରେ ଭିଜିବାରେ ଲାଗିଛି । ଧାନ କଳେଇଗୁଡିକୁ ଘୋଡାଇ ରଖିବା ପାଇଁ ଚାଷୀଙ୍କ ନିକଟରେ ଜରିପାଲ ଓ ପଲିଥିନର ଅଭାବ ଦେଖାଦେଇଛି । ଚଳିତ ବର୍ଷ ଧାନ ଫସଲ ଅମଳ ସମୟରେ ଅଦିନିଆ ବର୍ଷା ଚାଷୀକୁଳର ମେରୁଦଣ୍ଡ ଦୋହଲାଇ ଦେଇଛି । ମେଘାଚ୍ଛନ୍ନ ଆକାଶ ଓ କୋହଲା ପାଗକୁ ଦେଖି ଚାଷୀ ପରିବାରଗୁଡିକ ହତାଶ ହୋଇପଡ଼ିଥିବା ବେଳେ ଦୈବୀଦୁର୍ବିପାକ ଦାଉ ସାଧୁଛି । ଖାଲୁଆ ଅଂଚଳରେ ଥିବା ଜମିଗୁଡିକରେ ବର୍ଷାପାଣି ଜମି ରହିଥିବାରୁ ଧାନକାଟି ଖଳାବାରିକୁ ଆଣିବା ଚାଷୀଙ୍କ ପକ୍ଷେ କଷ୍ଟସାଧ ମନେହେଉଛି । ବାରମ୍ବାର ବାତ୍ୟା, ବନ୍ୟା ଓ ଅଦିନିଆ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ନିମନ୍ତେ ଜିଲ୍ଲା ପ୍ରଶାସନ ଓ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି ।

## ଯାଜପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ୧୪ ଡିସେମ୍ବରରେ ଏସ୍‌ପି ଅଫିସ୍ ଘେରାଓ

ଯାଜପୁର (ପିଏନ୍)-ନବୀନ ସରକାର ଅମଳରେ ଭୁବନେଶ୍ୱରରେ ରାଜ୍ୟ ଛାତ୍ର କଂଗ୍ରେସ ପକ୍ଷରୁ ଆୟୋଜିତ ବିକ୍ଷୋଭ ଉପରେ ପୋଲିସର ଅମାନବୀୟ ଲାଠିଚାର୍ଜ, ଏପରିକି ଗଣତାନ୍ତ୍ରିକ ବ୍ୟବସ୍ଥା ଏବଂ ସମସ୍ତ ଆଇନକାନୁନ୍‌ର ନିୟମକୁ ଉଲ୍ଲଙ୍ଘନ କରି କଂଗ୍ରେସ ଭବନ ଭିତରେ ପଶି ଛାତ୍ର, ଯୁବକ ଏବଂ କଂଗ୍ରେସର କର୍ମୀଙ୍କୁ ଲାଠିମାଡ଼, ଗୁଣ୍ଡାଗର୍ଦ୍ଦି ଓ ଆକ୍ରମଣ କରିବା ପରିପ୍ରେକ୍ଷୀରେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏବଂ ଯାଜପୁର ଜିଲ୍ଲା କଂଗ୍ରେସ କମିଟିର ସଭାପତି ମନୋଜ କୁମାର ରାଉତଙ୍କ ଆହ୍ୱାନରେ ଡିସେମ୍ବର ୧୪ ତାରିଖ ସକାଳ ୧୦ଘଟିକା ସମୟରେ ପାଣିକୋଇଲିଠାରେ ଏସ୍‌ପିଙ୍କ ଅଫିସ୍ ଘେରାଓ କରାଯିବା ନିମନ୍ତେ ସ୍ଥିର କରାଯାଇଛି । ଏହି କାର୍ଯ୍ୟକ୍ରମରେ ଯାଜପୁର ଜିଲ୍ଲାର ସମସ୍ତ ବ୍ଲକ୍ କଂଗ୍ରେସ କମିଟିର ସଭାପତି, ପଞ୍ଚାୟତ କଂଗ୍ରେସ ସଭାପତି, ଯୁବକଂଗ୍ରେସର କର୍ମକର୍ତ୍ତା, ନେତୃବୃନ୍ଦ ଓ କର୍ମୀ, ମହିଳା କଂଗ୍ରେସର ସଭାପତି ଓ କର୍ମୀ ତଥା ଛାତ୍ର କଂଗ୍ରେସର ସମସ୍ତ କର୍ମକର୍ତ୍ତା ଓ କର୍ମୀ, ସେବାଦଳ, ଦଳିତ କଂଗ୍ରେସ, ସଂଖ୍ୟାଲଘୁ କଂଗ୍ରେସ, ଆଇନ କଂଗ୍ରେସ, କୃଷକ କଂଗ୍ରେସ, ଶ୍ରମିକ କଂଗ୍ରେସ, ଓବିସି ସେଲର ସଭାପତି ଓ କର୍ମକର୍ତ୍ତା ଏବଂ କର୍ମୀମାନଙ୍କୁ ଆସନ୍ତା ଡିସେମ୍ବର ୧୪ ତାରିଖରେ ପାଣିକୋଇଲି ଠାରେ ଏସ୍‌ପି ଅଫିସ୍ ଘେରାଓକୁ ସଫଳ କରିବା ନିମନ୍ତେ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ରାଉତ ଅନୁରୋଧ କରିଛନ୍ତି ।

## ଆଦର୍ଶ ଶିକ୍ଷକ ଦୁର୍ଯ୍ୟୋଧନ ଦାସଙ୍କ ବିୟୋଗରେ ଶୋକ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ମହାକାଳପଡା ବ୍ଲକ ଅନ୍ତର୍ଗତ କିଆରବାଙ୍କ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଦୁର୍ଯ୍ୟୋଧନ ଦାସଙ୍କର ୭୬ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କ ବିୟୋଗ ଖବର ପାଇ ମହାକାଳପଡା ବିକାଶ ମଞ୍ଚର ସଭାପତି ତଥା ପରିବେଶବୀତ କାଶୀନାଥ ରାଉତରାୟ, ଧନେଶ୍ୱର ସେଠୀ, ବିଚିତ୍ର କୁମାର ବାରିକ, ଓଷ୍ଟା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଣବ କୁମାର ଜେନା ପ୍ରମୁଖ ସ୍ୱର୍ଗତଃ ଦାସଙ୍କ କିଆରବାଙ୍କସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି । ଶିକ୍ଷକ ସ୍ୱର୍ଗତଃ ଦାସଙ୍କ ବିୟୋଗରେ କେନ୍ଦ୍ରାପଡା ଜିଲ୍ଲା ଓଷ୍ଟା ସମ୍ପାଦକ ନିର୍ମଳ କୁମାର ନାୟକ, ଉପଦେଷ୍ଟା ତ୍ରୈଲୋକ୍ୟ ସ୍ୱାଇଁ, ତପନ କୁମାର ସିଂ, ସଭାପତି ପ୍ରମୋଦ କୁମାର ବେହେରା, ଉପସଭାପତି ଅଶୋକ କୁମାର ପରିଡା, ମହାକାଳପଡା ବ୍ଲକ ଓଷ୍ଟା ସଭାପତି ବୃନ୍ଦାବନ ସ୍ୱାଇଁ, ସମ୍ପାଦକ ଅଶୋକ ମହାପାତ୍ର, କେନ୍ଦ୍ରାପଡା ଜିଲ୍ଲା ସଚେତନ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ଇଂ ସୌମ୍ୟରଞ୍ଜନ ବିଶ୍ୱାଳ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

## ଟିପିସିଓଡିଏଲ କନିଷ୍ଠ ଯନ୍ତ୍ରୀଙ୍କ ୨୪ଟି ପ୍ଲାଷ୍ଟିକ ସିଲ ମିଳୁନଥିବା ଅଭିଯୋଗ

କେନ୍ଦ୍ରାପଡ଼ା (ପିଏନ୍): ଟିପିସିଓଡିଏଲ ଇନ୍ଦୁପୁର ସେକ୍ସନର କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ପାଖରୁ ୨୪ଟି ଧଳା ପ୍ଲାଷ୍ଟିକ ସିଲ କେଉଁଠି ହଜିଯାଇଛି । ଏ ସମ୍ପର୍କରେ ନିକିରାଇ ଥାନାରେ ଇନ୍ଦୁପୁର ଟିପିସିଓଡିଏଲ ସେକ୍ସନ ପକ୍ଷରୁ ସହକାରୀ ପରିଚାଳକ (ବିଦ୍ୟୁତ) ପ୍ରଶାନ୍ତ ବେହେରା ଲିଖିତ ଅଭିଯୋଗ କରିଛନ୍ତି । ସୂଚନା ଅନୁଯାୟୀ ଚଳିତ ମାସ ୧୮ ତାରିଖ ସକାଳେ ନିକିରାଇ ଗ୍ରାମରେ ଟିପିସିଓଡିଏଲର ଏକ ଏମ.ଆର.ଟି. ଯାଞ୍ଚସମୟରେ କର୍ମଚାରୀଙ୍କ ନିକଟରୁ ୨୪ଟି ପ୍ଲାଷ୍ଟିକ ସିଲ କେଉଁଠି ହଜିଯାଇଛି । ତେଣୁ ଏ ସମ୍ପର୍କରେ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବାକୁ ସହକାରୀ ପରିଚାଳକ ଶ୍ରୀ ବେହେରା ନିକିରାଇ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ।

## କେନ୍ଦ୍ରାପଡାର ପୌରପାଳିକା ୱାର୍ଡ ସଂରକ୍ଷଣ ଚିଠା ତାଲିକା ପ୍ରକାଶ ପାଇଲା

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରପାଳିକାର ୨୧ଟି ୱାର୍ଡ ପାଇଁ ସଂରକ୍ଷଣ ଚିଠା ତାଲିକା ପ୍ରକାଶ ପାଇଛି । ସେହି ଅନୁଯାଇ ୧ନଂ ୱାର୍ଡ ଅନୁସୂଚିତ ଜାତି ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ୨ନଂ ୱାର୍ଡ ପଛୁଆ ବର୍ଗ ମହିଳା, ୩ନଂ ୱାର୍ଡ ଅନୁସୂଚିତ ଜନଜାତି ମହିଳା, ୪ନଂ ୱାର୍ଡ ମହିଳା, ୫ନଂ ୱାର୍ଡ ପଛୁଆ ବର୍ଗ, ୬ନଂ ୱାର୍ଡ ପଛୁଆ ବର୍ଗ, ୭ନଂ ୱାର୍ଡ ମହିଳା, ୮ନଂ ୱାର୍ଡ ମହିଳା, ୯ନଂ ୱାର୍ଡ ଅନୁସୂଚିତ ଜାତି, ୧୦ନଂ ୱାର୍ଡ ପଛୁଆ ବର୍ଗ ମହିଳା, ୧୧ନଂ ୱାର୍ଡ ମହିଳା, ୧୨ନଂ ୱାର୍ଡ ମହିଳା, ୧୩ନଂ ୱାର୍ଡ ଅସଂରକ୍ଷିତ, ୧୪ନଂ ୱାର୍ଡ ମହିଳା, ୧୫ନଂ ୱାର୍ଡ ପଛୁଆ ବର୍ଗ, ୧୬ନଂ ୱାର୍ଡ ମହିଳା ଓ ୧୭, ୧୮, ୧୯, ୨୦ ଏବଂ ୨୧ନଂ ୱାର୍ଡ ଅସଂରକ୍ଷିତ ରହିଛି । ଏ ସମ୍ପର୍କରେ ଯଦି କାହାର କୌଣସି ଅଭିଯୋଗ ଥାଏ, ତେବେ ଆସନ୍ତା ଡିସେମ୍ବର ମାସ ସୁଦ୍ଧା କେନ୍ଦ୍ରାପଡା ପୌରସଂସ୍ଥା କାର୍ଯ୍ୟାଳୟରେ ସେ ସମ୍ପର୍କିତ ଅଭିଯୋଗ ଦାଖଲ କରିବାକୁ ସୂଚନା ଦିଆଯାଇଛି ।

ସଂ ଗଚ୍ଛଧ୍ବଂ ସଂ ବଦଧ୍ବଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ର ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୧, ଡିସେମ୍ବର ୧୪

# ବୀର ଯୋଦ୍ଧାଙ୍କୁ ଶ୍ରଦ୍ଧାଞ୍ଜଳି



ତାମିଲନାଡୁର କୁନୁରରେ ବାୟୁ ସେନାର ଅତ୍ୟାଧୁନିକ ଲଢୁଆ ହେଲିକେପ୍ଟର ଏମଆଇ-୧୭ ଭି ୫ ଦୁର୍ଘଟଣାରେ ଜେନେରାଲ ବିପିନ ରାୱତଙ୍କ ଅକାଳ ମୃତ୍ୟୁ ଫଳରେ ଦେଶ ଜଣେ ବୀର ଯୋଦ୍ଧାଙ୍କୁ ହରାଇଛି, ଯେ କି ଦେଶର ସର୍ବବରିଷ୍ଠ ଜେନେରାଲ ଏବଂ ଦେଶରେ ନୂତନ ଭାବେ ସୃଷ୍ଟ ପ୍ରଥମ ପ୍ରତିରକ୍ଷା ବାହିନୀ ମୁଖ୍ୟ (ସିଡିଏସ) ହେବାର ଗୌରବ ଅର୍ଜନ କରିଥିଲେ। ତାଙ୍କର ଅକାଳ ମୃତ୍ୟୁରେ ଦେଶ ଆଜି ସ୍ତବ୍ଧ। କେବଳ ସିଡିଏସ ଜେନେରାଲ ରାୱତ ନୁହଁନ୍ତି, ତାଙ୍କର ପତ୍ନୀ ଏବଂ ଦୁଇ ପାଇଲଟଙ୍କ ସହ ୧୨ଜଣ ଯୋଦ୍ଧା ଅକାଳରେ ପରଲୋକ ଗମନ କରିଛନ୍ତି। ଅନ୍ୟ ଜଣେ ଯୋଦ୍ଧା ଗୁରୁତର ଭାବେ ଆହତ ହୋଇ ଅନ୍ତକେ ବଂଚିଯାଇଥିଲେ ମଧ ଏବେ ସେନା ହସପିଟାଲରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଜେନେରାଲ ରାୱତ ହେଉଛନ୍ତି, ଏପରି ଜଣେ ଯୋଦ୍ଧା, ଯେ କି ଦକ୍ଷତା, କର୍ମନିପୁଣତା ଯୋଗୁଁ ଦେଶର ଉତ୍ତରାଂଚଳ, ପୂର୍ବାଂଚଳ ଏବଂ ଦକ୍ଷିଣାଂଚଳ କମାଣ୍ଡର ଭାବେ କାର୍ଯ୍ୟ କରି ନିଜ ଯୋଗ୍ୟତା ବଳରେ ସ୍ଥଳସେନା ମୁଖ୍ୟ ଏବଂ ଶେଷରେ ପ୍ରତିରକ୍ଷା ବାହିନୀ ମୁଖ୍ୟ (ସିଡିଏସ) ଅର୍ଥାତ ତିନି ବାହିନୀ ସ୍ଥଳ, ଆକାଶ ଓ ନୌସେନା ବାହିନୀର ମୁଖ୍ୟ ଭାବେ ଅବସ୍ଥାପିତ ହୋଇଥିଲେ। ସେ ଜାମ୍ମୁ-କାଶ୍ମୀର ଏବଂ ଉତ୍ତର ପୂର୍ବାଂଚଳରେ ସକ୍ରିୟ ଥିବା ଆତଙ୍କବାଦ ବିରୁଦ୍ଧରେ ସଫଳତାର ସହ କାର୍ଯ୍ୟ କରିଥିବା ବେଳେ ୧୯୮୭ ମସିହାରେ ଅରୁଣାଚଳ ପ୍ରଦେଶରେ ଲାଇନ ଅଫ ଆକ୍ଚୁଏଲ (ଏଲଏସି)ରେ ସୁମଦୋରଙ୍ଗ ଚୁରେ ଚୀନର ପିପୁଲସ ଲିବରେସନ ଆର୍ମୀ ସହ ପ୍ରତ୍ୟକ୍ଷ ଯୁଦ୍ଧରେ ସାମିଲ ଥିଲେ। କେବଳ ଏତିକି ନୁହେଁ, ସେ ସ୍ଥଳସେନା ମୁଖ୍ୟ ଥିବାବେଳେ ଭାରତ ସରକାରଙ୍କର ପାକିସ୍ତାନ ପ୍ରତି ଥିବା ଯୁଦ୍ଧନୀତି ଅବଲମ୍ବନ କରିଥିଲେ। ସେହିପରି ସ୍ଥଳସେନା ମୁଖ୍ୟ ଭାବେ ତାଙ୍କର କାର୍ଯ୍ୟକାଳ ମଧ୍ୟରେ



ଏଲଏସିର ଡୋକଲାମଠାରେ ଚୀନ ସେନା ସହ ଭାରତୀୟ ସେନାର ବିବାଦ ମୁଣ୍ଡ ଟେକିଥିଲା। ସେହି ସମୟରେ ସେ ପ୍ରଥମ ସାମରିକ ବ୍ୟକ୍ତିତ୍ୱ ଥିଲେ ଯେ କି, ଖୋଲାଖୋଲି ଭାବେ ଭାରତ ପାଇଁ ଦୁଇପାଟିଆ ଯୁଦ୍ଧର ଆଶଙ୍କା ବ୍ୟକ୍ତ କରିଥିଲେ। ତେବେ ସ୍ଥଳସେନା ମୁଖ୍ୟ ଏବଂ ପ୍ରତିରକ୍ଷା ବାହିନୀ ମୁଖ୍ୟ ଭାବେ ସେ ଭାରତୀୟ ପ୍ରତିରକ୍ଷା ବାହିନୀର ଆଧୁନିକୀକରଣ ପାଇଁ ସର୍ବଦା ଗୁରୁତ୍ୱ ଦେଇ ଆସୁଥିଲେ। ଯାହାକୁ ସେ ଅତ୍ୟନ୍ତ ଦକ୍ଷତାର ସହ ନିର୍ବାହ କରି ଆସୁଥିଲେ। ଭାରତୀୟ ସେନା ସର୍ବଦା ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହେଉ, ଏହା ହିଁ ଥିଲା ତାଙ୍କର ଅଭିଳାଷ। ଆହୁରି ମଧ୍ୟ ଦେଶର ପ୍ରଥମ ସିଡିଏସ ଭାବେ ତିନି ବାହିନୀ ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ ସେ ଅହରହ କାର୍ଯ୍ୟ କରିଥିଲେ। ଦେଶର ପ୍ରଥମ ପ୍ରତିରକ୍ଷା ବାହିନୀର ମୁଖ୍ୟ ଭାବେ ତାଙ୍କର ଗୋଟିଏ ବର୍ଷର କାର୍ଯ୍ୟନୈପୁଣ୍ୟ ଦେଶରେ ସ୍ମରଣୀୟ ହୋଇ ରହିବ, ଏଥିରେ କୌଣସି ସନ୍ଦେହ ନାହିଁ। ଏହି ଦୁଃଖଦ ହେଲିକେପ୍ଟର ଦୁର୍ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ସମୟରେ ତିନି ବାହିନୀ ପକ୍ଷରୁ ପୃଥକ ପୃଥକ ଭାବେ ତଦନ୍ତ ଆରମ୍ଭ ହୋଇଛି। ଇତିମଧ୍ୟରେ ହେଲିକେପଟରର ବ୍ଲାକ ବକ୍ସ ମଧ୍ୟ ଉଦ୍ଧାର ହୋଇଛି। ଦୁର୍ଘଟଣା ସମ୍ପର୍କରେ ବ୍ଲାକ ବକ୍ସ ମଧ୍ୟରୁ ବହୁ ତଥ୍ୟ ମିଳିବା ଆଶା କରାଯାଏ। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ହେଉଛି, ଦେଶର ଅତ୍ୟାଧୁନିକ ଲଢୁଆ ହେଲିକେପ୍ଟର କୁହାଯାଉଥିବା ଏମଆଇ ସିରିଜର ହେଲିକେପ୍ଟର ଦୁର୍ଘଟଣା, ଯେଉଁଥିରେ କି ଦେଶର ପ୍ରତିରକ୍ଷା ବାହିନୀର ସର୍ବୋଚ୍ଚ ସେନାପତି ଥିଲେ। ଅତୀତରେ ଏହି ହେଲିକେପ୍ଟର ପାକିସ୍ଥାନ ବିରୁଦ୍ଧରେ ସର୍ଜିକାଲ ଷ୍ଟ୍ରାଇକ୍‌ରେ ସାମିଲ ହୋଇଥିଲା। ଏଥିରେ ପାଣିପାଗ ର୍ୟାଡର ଥିବା ସହ ରାତ୍ରିକାଳୀନ ଉଡ୍ଡାଣ ସାମର୍ଥ୍ୟ ମଧ୍ୟ ରହିଛି। ଖରାପ ପାଗ ଓ କୁହୁଡ଼ିଆ ଆକାଶକୁ ଭେଦ କରିବାର ସାମର୍ଥ୍ୟ ଏହାର ଥିବାବେଳେ ଗଛରେ ପିଟିହୋଇ ଜଳିଯିବା ବିସ୍ମୟ ସୃଷ୍ଟି କରିବା ସ୍ୱାଭାବିକ। ତେବେ ତଦନ୍ତ ପରେ ଏହା ସ୍ପଷ୍ଟ ହେବ ବୋଲି ଆଶା କରାଯାଏ। ଦେଶରେ ବାୟୁସେନାର ୨୦୧୩ରେ ସାମିଲ ହୋଇଥିବା ରୁଷ ନିର୍ମିତ ୩୬ଟି ଏମଆଇସିରିଜର ଲଢୁଆ ହେଲିକେପ୍ଟରକୁ ଅତ୍ୟାଧୁନିକ କୁହାଯାଉଥିବାବେଳେ ଭାରତର ମହାଲେଖା ନିୟନ୍ତ୍ରକ ଓ ସମୀକ୍ଷକ (ସିଏଜି) ଏମ.ଆଇ-୧୭ ବିମାନଗୁଡ଼ିକର ଆଧୁନିକୀକରଣ ବିଳମ୍ବ ନେଇ ଉଠାଇଥିବା ପ୍ରଶ୍ନ ଏବେ ଗୁରୁତ୍ୱ ବହନ କରେ। ଏଥିନେଇ ଉଭୟ କେନ୍ଦ୍ର ସରକାର ଏବଂ ପ୍ରତିରକ୍ଷା ବାହିନୀର ପଦକ୍ଷେପ ଗ୍ରହଣ କରିବାର ସମୟ ଏବେ ଆସିଛି। ସିଡିଏସ ଜେନେରାଲ ରାୱତଙ୍କ ସମେତ ଦେଶର ୧୧ଜଣ ବୀର ଯୋଦ୍ଧାଙ୍କ ଅକାଳ ବିୟୋଗରେ ଦେଶବାସୀଙ୍କ ସହ ଆମେ ମର୍ମାହତ। ସେମାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କଠାରେ ପ୍ରାର୍ଥନା କରିବା ସହ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ। ଜେନେରାଲ ରାୱତଙ୍କ ମିଶନ ଥିଲା ସେନାବାହିନୀର ଆଧୁନିକୀକରଣ। ସେନାବାହିନୀର ଆଧୁନିକୀକରଣ ତାଙ୍କ ପାଇଁ ଯଥାର୍ଥ ଶ୍ରଦ୍ଧାଞ୍ଜଳି ହେବ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

## ଆଜିର ଅନୁଚିନ୍ତା

*ମହାଦେବ (ଶିବ)ଙ୍କ ଭଳି ତ୍ୟାଗୀ ହୁଅ ।*
*ସିଂହ ଭଳି ନିର୍ଭୀକ ଓ ବୀର ହୁଅ ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ମୌଳିକ ସମସ୍ୟାର ଅଁା ଭିତରେ ଆଦିବାସୀ ମଣିଷ !

**ଶରତ କୁମାର ରାଉତ**



ଓଡ଼ିଶାର ବଣ-ପାହାଡ଼ ଘେରା ଦୁର୍ଗମ ଅଂଚଳରେ ବସବାସ କରୁଥିବା ଆଦିବାସୀ ମଣିଷମାନେ ଦାରିଦ୍ର୍ୟର ଅନ୍ଧକାର ଭିତରୁ କେବେ ମୁକ୍ତି ପାଇବେ, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ମାତ୍ର କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ୍ କରାଇବାକୁ ଆପ୍ରାଣ ଉଦ୍ୟମ ଜାରି ରଖିଥିବା ଦାବି କରୁଛନ୍ତି। ଏହାକୁ ନେଇ ବିଭିନ୍ନ ସମୟରେ କେନ୍ଦ୍ର ଓ ରାଜ୍ୟ ରାଜନୀତି ସରଗରମ ହୋଇଛି। ମାତ୍ର ଏହା ଦ୍ୱାରା ଗରିବ ଆଦିବାସୀ ମଣିଷର କୌଣସି ଲାଭ ହୋଇନାହିଁ। ଯୁଗ ଆରମ୍ଭରୁ ଆଦିବାସୀ ମଣିଷ ପ୍ରତି ସବୁ କ୍ଷେତ୍ରରେ ଅବହେଳା ପ୍ରଦର୍ଶନ କରାଯାଇ ଆସୁଛି। ସେମାନଙ୍କର ମୌଳିକ ଆବଶ୍ୟକତା ପୂରଣ ଦିଗରେ ମଧ ସରକାର ଯତ୍ନବାନ ହେଉ ନାହାନ୍ତି। ସ୍ୱାଧୀନତା ପରଠାରୁ ଆଦିବାସୀ ମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରାଇବାକୁ କୌଣସି ସରକାର ଆନ୍ତରିକତାର ସହ କାର୍ଯ୍ୟ କରି ନାହାନ୍ତି। ଆଦିବାସୀ ମଣିଷର ଦାରିଦ୍ର୍ୟ ଓ ଅସଚେତନତାର ମୂଳ କାରଣ ଏବଂ ତାର ସ୍ଥାୟୀ ସମାଧାନ ପନ୍ଥା ବାହାର କରାନଯାଇ କେବଳ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ଦ୍ୱାରା ଆଦିବାସୀ ମଣିଷର ବିକାଶ ଅସମ୍ଭବ। ୧୯୯୮ ଅଗଷ୍ଟ ୧୨ ତାରିଖରେ କାର୍ଯ୍ୟକାରୀ ହୋଇଥିବା କେବିକେ ପ୍ରକଳ୍ପ ଏବଂ ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା, ପଂଚାୟତିରାଜ ବ୍ୟବସ୍ଥା, ଜିଲ୍ଲା ଯୋଜନା ବୋର୍ଡ଼, ବିଜୁ କେବିକେ ଯୋଜନା ଆଦି ଦ୍ୱାରା ଆଦିବାସୀ ପ୍ରଜା ଆଦୌ ଉପକୃତ ହୋଇ ପାରିନାହିଁ। ବରଂ ଯୋଜନା ଗୁଡ଼ିକ ଆଦିବାସୀ ବିକାଶ ବଦଳରେ ଅଫିସର ଓ ରାଜନେତାଙ୍କ ବିକାଶ ଯୋଜନାରେ ପରିଣତ ହୋଇଛି।

ଦାରିଦ୍ର୍ୟ ଦୂରୀକରଣ ଯୋଜନା ପ୍ରହସନ ସାବ୍ୟସ୍ତ ହୋଇଛି। ଜରୁରୀକାଳୀନ ଖାଦ୍ୟ ଯୋଗାଣ କାର୍ଯ୍ୟକ୍ରମ ବିଫଳ ହୋଇଛି। ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ଏଠାକାର ନିତିଦିନିଆ ଘଟଣା। ଗରିବ ଆଦିବାସୀ ମଣିଷ ଅନାହାର, ଅଳ୍ପାହାର ଓ ଅର୍ଦ୍ଧାହାରରେ ଦିନ କାଟୁଛି। ହଇଜା, ଡ଼ାଇରିଆ ଓ ମ୍ୟାଲେରିଆ ଭଳି ମାରାତ୍ମକ ସଂକ୍ରାମକ ରୋଗରେ ପୋକମାଛି ଭଳି ମରୁଛି। ମା ଓ ଶିଶୁ ମୃତ୍ୟୁ ହାର ଏଠାରେ ସର୍ବାଧିକ। ଅନାହାର ଓ ଅପପୃଷ୍ଟି ଏହାର ମୂଳକାରଣ। ଜାତୀୟ ସ୍ତରରେ ଶିଶୁ ମୃତ୍ୟୁହାର ପ୍ରତି ୧ ହଜାରରେ ୪୦ରହିଥିବା ବେଳେ ଓଡ଼ିଶାରେ ୫୧ ଓ କେବିକେରେ ପାଖାପାଖି ୯୦ ରହିଛି। ସଂପ୍ରତି ଦୁର୍ଗମ ଅଂଚଳରେ ହଜାର ହଜାର ଶିଶୁ ପୁଷ୍ଟିହୀନତାର ଶିକାର ହେବା ଅପେକ୍ଷାରେ ବୋଲି ବେସରକାରୀ ଭାବେ କୁହାଯାଉଛି। ସ୍ୱାସ୍ଥ୍ୟସେବା ବିକାଶ ଯୋଜନା କେବଳ ଖାତା ପତ୍ରରେ ସୀମିତ ରହିଯାଇଛି। କେବିକେରେ ୮ଟି ଜିଲ୍ଲା ହସ୍ପିଟାଲ, ୧୪ଟି ଉପଖଣ୍ଡ ସ୍ତରୀୟ ହସ୍ପିଟାଲ, ୮୦ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ୩୦୦ଟି ପିଏଚ୍‌ସି, ୧୬୦୦ରୁ ଊର୍ଦ୍ଧ୍ୱ ଉପସ୍ୱାସ୍ଥ୍ୟ କେନ୍ଦ୍ର, ୨୨୫ଟି ସ୍ୱାସ୍ଥ୍ୟ ସେକ୍ଟର, ୧୫ଟି ଅନ୍ୟାନ୍ୟ ବଡ଼ ହସ୍ପିଟାଲ ତଥା ହୋମିଓପାଥୀ ଓ ଆୟୁର୍ବେଦିକ ଚିକିତ୍ସାଳୟ ତଥା ଶତାଧିକ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ୍ କାର୍ଯ୍ୟକାରୀ ସତ୍ତ୍ୱେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ କାହିଁକି ? ବାସ୍ତବତା ହେଲା, ରାଜ୍ୟ ସରକାର ଆନ୍ତରିକତାର ସହ ଆଦିବାସୀ ମଣିଷମାନଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଉନାହାନ୍ତି। ବଡ଼ ବଡ଼ ଲୋକମାନେ ନିଜ ଘରେ ସ୍ୱାଦିଷ୍ଟ ଖାଦ୍ୟ ଖାଇ ଯାହା ବଳେ, ବାହାରେ ବୁଲୁଥିବା ପଶୁପକ୍ଷୀଙ୍କ ପାଖକୁ ଫିଙ୍ଗିଦେବା ଭଳି ଆମ ସ୍ୱାସ୍ଥ୍ୟ ବିଭାଗ ଆଦିବାସୀ ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ପ୍ରତି ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ଏହି ସତ୍ୟକୁ କୌଣସିପ୍ରକାରେ ମନ୍ତ୍ରୀ, ଅଫିସରଙ୍କ ଭଳି ବଡବଡ଼ିଆମାନେ ଗ୍ରହଣ କରି ନ ପାରନ୍ତି। କେତୋଟି ମୁହୂର୍ତ୍ତ ପାଇଁ ସଭାସମିତିରେ ଯୋଗ ଦେଉଥିବା ବଡ଼ବଡ଼ିଆମାନେ କିପରି ଅନୁଭବ କରି ପାରିବେ ଆଦିବାସୀ ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ସେମାନଙ୍କ ଅବସ୍ଥାକୁ ? ତେବେ ସ୍ୱାସ୍ଥ୍ୟ ବିଭାଗର ବେପରୁଆ ନୀତି ଓ ମନମୁଖୀ କାର୍ଯ୍ୟ ହିଁ ନିରୀହ ଆଦିବାସୀ ମଣିଷକୁ ମାରାତ୍ମକ ସଂକ୍ରାମକ ରୋଗର ଅଁା ଭିତରକୁ ଠେଲି ଦେଉଥିବା ନିଃସନ୍ଦେହରେ କୁହାଯାଇ ପାରେ।

ଶିକ୍ଷାର ପ୍ରସାର, ସାକ୍ଷରତା ହାର ବୃଦ୍ଧି ଓ ଜନସଚେତନତା ସୃଷ୍ଟି ପାଇଁ ପ୍ରୌଢ଼ଶିକ୍ଷା, ବାଲ୍ୟଶିକ୍ଷା, ପ୍ରାଥମିକ ଶିକ୍ଷା, ନିନାଦ, ସନ୍ଦେଶ, ନବଜ୍ୟୋତି, ସର୍ବଶିକ୍ଷା ଅଭିଯାନ ଆଦିର ବ୍ୟବସ୍ଥା ରହିଛି। ବହୁ ଆଂଚଳିକ, ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଏନ୍‌ଜିଓମାନେ ଏଠାରେ ଜନସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଆଦିବାସୀମାନଙ୍କୁ ସଚେତନ କରିବାର ଦାୟିତ୍ୱରେ ଅଛନ୍ତି। ସଚେତନତା ସୃଷ୍ଟିର କଥା ଯାହା କୁହାଯାଉଛି, କେବିକେରେ ଗତ ୧୯ ବର୍ଷ ଭିତରେ କେତୋଟି ଏନ୍‌ଜିଓ କେତେ ଟଙ୍କାର କାର୍ଯ୍ୟଭାର ନେଇଛନ୍ତି, ସେମାନଙ୍କ ପାଖରୁ ଜନସଚେତନତା ସୃଷ୍ଟିର ପ୍ରମାଣ କିପରି ସରକାର ପାଇଛନ୍ତି, ତାହା ଲୋକଲୋଚନକୁ ଆସିବା ଦରକାର। ଅନ୍ୟ ଏକ ସମ୍ବେଦନଶୀଳ ତଥ୍ୟ ଅନୁଯାୟୀ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଦାରିଦ୍ର୍ୟ ଦୂରୀକରଣ ଯୋଜନାର ବହୁ ଭାଗ ଲାଭ ଅଣ-ଆଦିବାସୀମାନେ ମାରି ନେଉଛନ୍ତି। ୧୯୭୦-୭୧ରେ ହଜାର ହଜାର ବଂଗୀୟ ଶରଣାର୍ଥୀଙ୍କୁ ମାଲକାନାଗିରି, ରାଇଘର ଓ ଉମରକୋଟରେ ଥଇଥାନ କରାଯାଇଥିଲା। ଓଡ଼ିଶା ସରକାର ସ୍ଥାନୀୟ ଆଦିବାସୀଙ୍କ ଚାରଣ ଭୂଇଁ ଓ ଘଂଚ ଜଙ୍ଗଲ ଧ୍ୱଂସ କରି ସେମାନଙ୍କୁ ଥଇଥାନ କରିବା ସହ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଥିଲେ। ମାତ୍ର ଦୁର୍ଭାଗ୍ୟର କଥା ଯେ, ମାଛକୁଣ୍ଡ, ଚିତ୍ରକୋଣ୍ଡା, ପଂଚବଟୀ, କୋଲାବ ଓ ଇନ୍ଦ୍ରାବତୀ ନଦୀବନ୍ଧ ଯୋଜନା ପ୍ରତିଷ୍ଠା ବେଳେ ବାସଚ୍ୟୁତ ସ୍ଥାନୀୟ ଆଦିବାସୀ ବାସିନ୍ଦାଙ୍କୁ ଏପର୍ଯ୍ୟନ୍ତ ଥଇଥାନ କରାଯାଇନାହିଁ। ସେମାନେ ଏବେ ମଧ୍ୟ ଜୀବନ-ଜୀବିକା ସହ ସଂଘର୍ଷ ଜାରି ରଖିଛନ୍ତି। ସମସ୍ତଙ୍କର ସବୁ ସ୍ତରର ଅତ୍ୟାଚାର ସହି ଚାଲିଛି ଆଦିବାସୀ ମଣିଷ। ଏହା ହିଁ ଆଦିବାସୀ ମଣିଷର ଭାଗ୍ୟ ଓ ଭବିଷ୍ୟତ। ଏଥିରୁ କେବେ ସେ ମୁକ୍ତି ପାଇବ, ସେ କଥା ଈଶ୍ୱରଙ୍କୁ ଜଣା। ତେବେ ଯୋଜନା କାହା ପାଇଁ ? କେଉଁଠି କି ଯୋଜନା କାର୍ଯ୍ୟକାରୀ ହେଉଛି ? ସରକାରଙ୍କ ପ୍ରତିନିଧିମାନେ ଦିଲ୍ଲୀ କିମ୍ବା ଭୁବନେଶ୍ୱରରେ ବସି ଆଦିବାସୀଙ୍କ ବିକାଶ ପାଇଁ



କେବଳ ଯୋଜନା ତିଆରି କରିଦେଲେ, କିଛି ସୁଫଳ ମିଳିବ ନାହିଁ। ଅନୁସଂଧାନ କରାଗଲେ ଜଣାପଡ଼ିବ ଯେ, ବିଭିନ୍ନ ଆଦିବାସୀ ବିକାଶ ଯୋଜନା ଅର୍ଥ ଅଧିକାରୀ, ନେତା ଓ ସ୍ୱେଚ୍ଛାସେବୀ ସଂସ୍ଥାମାନଙ୍କ ମଧ୍ୟରେ ଭାଗବଂଟା ହେଉଛି।

ଆଦିବାସୀଙ୍କ ମୌଳିକ ସମସ୍ୟାର ସମାଧାନ ବିଭାଗୀୟ ମନ୍ତ୍ରୀଙ୍କ ଦକ୍ଷତା ଓ କର୍ତ୍ତବ୍ୟନିଷ୍ଠା ଉପରେ ନିର୍ଭର କରୁଛି। କିଛିବର୍ଷ ତଳୁ ଏହି ପଦରେ ଯେଉଁ ନେତାମାନଙ୍କୁ ଦେଖିବାକୁ ମିଳୁଛି, ସେମାନେ ସେମିତି କିଛି ଉଦ୍ୟମ କରୁଥିବା ଦେଖାଯାଉନାହିଁ। ଯେଉଁଥିପାଇଁ ଆଦିବାସୀ ବିକାଶ କାର୍ଯ୍ୟ ଆଶାନୁରୂପ ହୋଇପାରୁନାହିଁ। ଆଦିବାସୀଙ୍କ ସର୍ବାଙ୍ଗୀନ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଅନେକ ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହେଉଛି। ତଥାପି କାହିଁକି ସମାଧାନ ହୋଇପାରୁନି ଆଦିବାସୀଙ୍କ ମୌଳିକ ସମସ୍ୟା ? ବିଭାଗୀୟ ମନ୍ତ୍ରୀ ଦକ୍ଷ, ପାରଙ୍ଗମ ଓ ଦୂରଦୃଷ୍ଟି ସଂପନ୍ନ ହେଲେ, ଆଦିବାସୀଙ୍କ ବିକାଶ ହେବା ନିଶ୍ଚିତ। ତେବେ ବିଭାଗୀୟ ମନ୍ତ୍ରୀ ଏ ଦିଗରେ ଯତ୍ନବାନ ହେବାର ଆବଶ୍ୟକତା ରହିଛି। ନିଜ ବିଭାଗର ବିକାଶ ବା ସଂସ୍କାର ପାଇଁ ମନ୍ତ୍ରୀ ଉଦ୍ୟମ କରନ୍ତୁ। ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ସହିତ ଅବହେଳିତ ଆଦିବାସୀ ମଣିଷର ଭାଗ୍ୟ ଓ ଭବିଷ୍ୟତ ଯୋଡ଼ି ହୋଇ ରହିଛି। ମାତ୍ର ଆଦିବାସୀ ମଣିଷ ଓ ବିଭାଗ ଯୋଡ଼ିହୋଇ ଥିବା ମନେହେଉନାହିଁ। ବିଭାଗୀୟ ମନ୍ତ୍ରୀ ବା ଲୋକପ୍ରତିନିଧିଙ୍କ ମାଧ୍ୟମରେ ଏହି ସଂଯୋଗ ଘଟିଥାଏ। ହେଲେ ମନ୍ତ୍ରୀ ବା ଲୋକପ୍ରତିନିଧିଙ୍କ ହାତରେ ଏଭଳି ଗୁରୁଦାୟିତ୍ୱ ଥିବା ପରି ମନେହେଉନାହିଁ। ହୁଏତ ଏଥିଯୋଗୁ ବିଭାଗୀୟ ସଚିବାଳୟ, ସମନ୍ୱିତ ଆଦିବାସୀ ବିକାଶ ସଂସ୍ଥା ଓ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ନିଜ ଢଙ୍ଗରେ ଚାଲୁଛି। ଏହି ବିଭାଗ ସକ୍ରିୟ ହୋଇ ଆଦିବାସୀଙ୍କ ମୌଳିକ ସମସ୍ୟା ସମାଧାନ କରିବ, ଏଭଳି ଆଶା କରାଯିବା ନିରର୍ଥକ ମନେହେଉଛି।

***-ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଭୁବନେଶ୍ୱର, ମୋ-୯୩୩୭୩୬୯୪୪୮***

# ସେବାର ଅନ୍ୟନାମ ଗଙ୍ଗାରାମ

**ସୌମେନ୍ଦ୍ର ଜେନା**

ସାର୍ ଗଙ୍ଗାରାମ ଉଭୟ ଭାରତ ଏବଂ ପାକିସ୍ଥାନରେ ବେଶ୍ ଲୋକପ୍ରିୟ ବ୍ୟକ୍ତି ଥିଲେ । ପଞ୍ଜାବର ଆଧୁନିକ କୃଷି ଠାରୁ ଲାହୋର ସହରର ସ୍ଥାପନା ପାଇଁ ସେ ଯେମିତି ପ୍ରସିଦ୍ଧି ଲାଭ କରିଥିଲେ ସେମିତି



ସାଧାରଣ ଲୋକଙ୍କ ଜୀବନର ବିକାଶ ପାଇଁ ସେ ଯେଉଁ ସବୁ ଅନୁଷ୍ଠାନ ଗଢିଥିଲେ ସେ ସବୁ ଆଜିଯାଏ ଲୋକଙ୍କ ସେବାରେ ସକ୍ରୀୟ ରହିଛନ୍ତି ।

ରାୟ ବାହାଦୂର ସାର ଗଙ୍ଗାରାମ ଅବିଭକ୍ତ ଭାରତରେ ଇଂରେଜ ସରକାରଙ୍କ ଅଧୀନରେ ଜଣେ ଭଲ ସିଭିଲ ଇଞ୍ଜିନିୟର ଭାବେ କାର୍ଯ୍ୟ କରିଥିଲେ । ପାକିସ୍ଥାନରେ ଥିବା ଲାହୋର ସହରଠାରୁ ୬୪ କିମି ଦୂରବର୍ତ୍ତୀ ନାନାକାନା ସାହିବ ଜିଲ୍ଲାର ଏକ ଛୋଟ ସହର ମଙ୍ଗତନୱାଲା ଠାରେ ୧୩ ଏପ୍ରିଲ ୧୮୫୧ରେ ତାଙ୍କର ଜନ୍ମ । ତାଙ୍କ ପିତା ଦୌଲତ ରାମ ବ୍ରିଟିଶ ପୁଲିସ ବିଭାଗରେ ଜଣେ ଜୁନିଅର ସବ୍-ଇନିସ୍‌ପେକ୍ଟର ଥିଲେ । ପରେ ସେ ଅମୃତସରସ୍ଥିତ ଅଦାଲତକୁ କପି ରାଇଟର ଭାବେ ବଦଳି ହୋଇଥିଲେ । ଗଙ୍ଗାରାମଙ୍କ ସ୍କୁଲ ଶିକ୍ଷା ଅମୃତସରରେ ହୋଇଥିଲା ଏବଂ ତାଙ୍କର କଲେଜ ଶିକ୍ଷା ଲାହୋରର ସରକାରୀ କଲେଜରେ ହୋଇଥିଲା । ସେଠାରୁ ଉତ୍ତୀର୍ଣ୍ଣ ହେବାପରେ ସେ ଉତ୍ତରାଖଣ୍ଡର ରୁର୍‌କୀରେ ଥିବା ଥମସନ୍ ସିଭିଲ ଇଞ୍ଜିନିୟରିଂ କଲେଜରେ (ବର୍ତ୍ତମାନର ଆଇଆଇଟି ରୁରକୀ) ନାମ ଲେଖାଇବା ପାଇଁ ବୃତ୍ତିଲାଭ କଲେ । ସେଠାରୁ ୧୮୭୩ରେ ସ୍ୱର୍ଣ୍ଣପଦକ ସହ ଉତ୍ତୀର୍ଣ୍ଣ ହୋଇ ଲାହୋର ଇଞ୍ଜିନିୟରିଂ ବିଭାଗରେ ଚାକିରି ପାଇଲେ । ସେତେବେଳେ ତାଙ୍କର ଉପରିସ୍ଥ ଏକ୍‌ଜିକ୍ୟୁଟିଭ ଇଞ୍ଜିନିୟର ଥିଲେ ରାୟ ବାହାଦୂର କନ୍ହେୟା ଲାଲ ଯିଏ କି ଲାହୋର ଇତିହାସ ପୁସ୍ତକ ଲେଖିଥିଲେ ।

ଲାହୋର ସହରରେ ସହାୟକ ଯନ୍ତ୍ରୀ ଭାବେ କାମ କରି ଲାହୋର ହାଇକୋର୍ଟ, ଲାହୋର କ୍ୟାଥୋଲିକ ଚର୍ଚ୍ଚର ନିର୍ମାଣ କରାଇଲେ । ପରେ ପରେ ଏଚିସନ କଲେଜର ନିର୍ମାଣ ଭାଇ ରାମସିଂହଙ୍କ ସହ ମିଶି ଶେଷ କଲେ । ଲାହୋରର ଜିପିଓ, ଲାହୋର ମିଉଜିୟମ, ମାୟୋ ସ୍କୁଲ ଅଫ ଆର୍ଟସ, ମାୟୋ ହସପିଟାଲ, ହେଲି କଲେଜ ଅଫ କମର୍ସ, ଦି ମଲ ଗଙ୍ଗାରାମ ହସ୍‌ପିଟାଲ ଆଦି ସେ ନିର୍ମାଣ କରିଥିଲେ । ସେଥିପାଇଁ ତାଙ୍କୁ ଆଧୁନିକ ଲାହୋର ସହରର ନିର୍ମାତା ବୋଲି କୁହାଯାଏ । ସହରୀ ଜଳ ନିଷ୍କାସନ ବ୍ୟବସ୍ଥା ସେ ଅତି ସୁନ୍ଦର ଭାବେ କରିଥିଲେ। ବ୍ରିଟେନ ରାଜା ୭ମ ଜର୍ଜଙ୍କ ସିଂହାସନ ଆରୋହଣର ଉତ୍ସବ ପାଳନ ପାଇଁ ଲର୍ଡ କର୍ଜନ ତାଙ୍କୁ ଦିଲ୍ଲୀର ନିର୍ମାଣ ଦାୟିତ୍ୱ ଦେଇଥିଲେ, ଯାହାକୁ ସେ ସଫଳତାର ସହ ସଂପନ୍ନ କରିଥିଲେ ।

ଶିଖ ସମ୍ରାଟ ରଣଜିତ ସିଂହଙ୍କ ରାଜଧାନୀ ଲାହୋର ଥିଲା । ୧୮୪୯ରେ ଏହା ଇଂରେଜଙ୍କ ହାତକୁ ଆସିଥିଲା । ଲାହୋରରେ ୧୨ବର୍ଷ କାର୍ଯ୍ୟକରି ସେ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଭାବେ ୫୨ବର୍ଷ ବୟସରେ ୧୯୦୩ରେ ସ୍ୱେଚ୍ଛାରେ ଅବସର ନେଇଥିଲେ । ସେହିବର୍ଷ ତାଙ୍କୁ ରାୟ ବାହାଦୂର ଉପାଧି ପ୍ରଦାନ କରାଯାଇଥିଲା । ଗଙ୍ଗାରାମ କେବଳ ଯେ ଲାହୋର କିମ୍ବା ଦିଲ୍ଲୀରେ ନିଜ ଦକ୍ଷତାର ପ୍ରମାଣ ଦେଇଥିଲେ ତା' ନୁହେଁ ପଞ୍ଜାବର ପାଟିଆଲା ମହାରାଜ ଭୂପିନ୍ଦର ସିଂହ ନିଜ ରାଜ୍ୟକୁ ସୁନ୍ଦର କରି ଗଢିତୋଳିବା ପାଇଁ ଗଙ୍ଗାରାମଙ୍କୁ ଦାୟିତ୍ୱ ଦେଇଥିଲେ । ଆଜିର ମୋତିବାଗ ପାଲେସ୍, ସେକ୍ରେଟାରୀଏଟ୍, ଭିକ୍ଟୋରିଆ ଗାର୍ଲସ ହାଇସ୍କୁଲ, ସିଟି ହାଇସ୍କୁଲ, ଲ କୋର୍ଟ ଆଦିର ନିର୍ମାଣ ତାଙ୍କ ଯୋଜନାନୁସାରେ ହୋଇଥିଲା । ସେ କେବଳ ନିର୍ମାଣ କାର୍ଯ୍ୟରେ ଯେ ନିପୁଣ ଥିଲେ ତା ନୁହେଁ , ବ୍ରିଟେନର ବ୍ରାଡଫୋର୍ଡ ଗସ୍ତ କାଳରେ ସେ ଯେଉଁ ଯାନ୍ତ୍ରିକ କୃଷି ସେଠାରେ ଦେଖିଥିଲେ ତାର ପ୍ରଥମ ପ୍ରୟୋଗଶାଳା ପଞ୍ଜାବ ପ୍ରଦେଶରେ ଆରମ୍ଭ କଲେ । ବର୍ତ୍ତମାନର ଶାହିୱାଲ ଏବଂ ରେନାଲା ଖୁର୍ଦ୍ଦରେ (ପାକିସ୍ଥାନରେ) ସେ ନିଜ ସଞ୍ଚିତ ଅର୍ଥ ବ୍ୟୟରେ ସରକାରଙ୍କଠାରୁ ଲିଜ୍ ସୂତ୍ରରେ ଚାଷ ପାଇଂ ୫୦,୦୦୦ ଏକର ଟାଙ୍ଗରା ପଡିଆ ନେଇଥିଲେ । ମାତ୍ର ତିନିବର୍ଷର ପରିଶ୍ରମରେ ସେ ଟାଙ୍ଗରା



ମାଟିକୁ ଉର୍ବର ଚାଷଭୂମିରେ ପରିଣତ କରିଥିଲେ । ଜଳସେଚନ ପାଇଁ ହାଇଡ୍ରୋ ଇଲେକଟ୍ରିକ ପ୍ଲାଣ୍ଟ ବସାଇ ପମ୍ପ ଯୋଗେ ଜଳସେଚନ କରିଥିଲେ । ୧୯୦୩ରେ ଚାକିରି ଛାଡିବା ପରେ ସରକାର ଚେନାବ କଲୋନୀରେ (ବର୍ତ୍ତମାନର ଫୈସଲାବାଦ ଜିଲ୍ଲା ପାକିସ୍ଥାନ) ତାଙ୍କୁ ୫୦୦ ଏକର ଚାଷ ଜମି ପ୍ରଦାନ କରିଥିଲେ । ଏଠାରେ ସେ ଗଙ୍ଗାପୁର ନାମରେ ଏକ ଗ୍ରାମ ବସାଇ ପ୍ରଥମକରି ଭାରତରେ ଆଧୁନିକ କୃଷି ଫାର୍ମ ଆରମ୍ଭ କରିଥିଲେ, ଯେଉଁଠି ଅତ୍ୟାଧୁନିକ କୃଷି ଯନ୍ତ୍ରପାତି ସାହାଯ୍ୟରେ ଚାଷ କାର୍ଯ୍ୟ ସଂପନ୍ନ କରାଗଲା । ଠିକ୍ ସେହି ବର୍ଷ ୧୯୦୩ରେ ଗଙ୍ଗାରାମ ଏକ ଘୋଡାଟଣା ଟ୍ରେନଗାଡି ଗଙ୍ଗାପୁର ଠାରୁ ନିକଟସ୍ଥ ରେଲଲାଇନ୍ ଥିବା ବୁଚିଆନା ଯାଏ ପକାଇଥିଲେ । ଏଥିରେ ରେଳ ଧାରଣା ଉପରେ ଏକଗାଡିକୁ ଘୋଡାଦ୍ୱାରା ଟଣାଯାଉଥିଲା । ଗାଡିପାଇଁ ରେଳଧାରଣାକୁ ଜରାଁନୱାଲା ରେଳଧାରଣା ପାଖଦେଇ ବିଛାଯାଇଥିଲା ।

ଏତେସବୁ କାର୍ଯ୍ୟ ଭିତରେ ସେ ଥିଲେ ଜଣେ ସକ୍ରିୟ ସମାଜସେବୀ । ଆଜିକୁ ଶହେ ବର୍ଷ ତଳେ ୧୯୨୦ ବେଳକୁ ଗୁରୁଦ୍ୱାରଗୁଡିକୁ ଉଦାସୀ ମହନ୍ତଙ୍କ ହାତରୁ ମୁକ୍ତ କରିବାକୁ ଅକାଳୀମାନଙ୍କ ଆନ୍ଦୋଳନ ଜାରି ରହିଥିଲା । ଅମୃତସର ଜିଲ୍ଲାର ଅଜନାଲାରେ ଥିବା ଗୁରୁଦ୍ୱାର ଗୁରୁ କା ବାଗ୍‌କୁ ଦଖଲ କରିବାକୁ ଶିଖମାନେ ଉଦ୍ୟମ କଲାବେଳେ ସେଠାକାର ମହନ୍ତ ବ୍ରିଟିଶ ବାହିନୀକୁ ଲଗାଇ ଅନେକ ଶିଖଙ୍କୁ ପୁଲିସ ଦ୍ୱାରା ଗିରଫ କରାଇଥିଲେ । ଏହି ସମସ୍ୟାକୁ ଲକ୍ଷ୍ୟକରି ଗଙ୍ଗାରାମ ମହନ୍ତ ସୁନ୍ଦରଦାସଙ୍କଠାରୁ ଜମି ଲିଜ୍ ସୂତ୍ରରେ ନେଇ ସେଠାରେ ଶିଖମାନଙ୍କୁ ପ୍ରବେଶ ଅଧିକାର ଦେଇଥିଲେ । ପରେ ସରକାରଙ୍କୁ ପ୍ରଭାବିତ କରି ୫୦୦୦ ଶିଖ ସ୍ୱେଚ୍ଛାସେବୀଙ୍କୁ ଜେଲରୁ ମୁକ୍ତ କରାଇଥିଲେ ।

୧୯୨୫ରେ ଇଂରେଜ ଶାସିତ ପଞ୍ଜାବ ରାଜ୍ୟ ସରକାରଙ୍କୁ ୨୫୦୦୦ ଟଙ୍କା ମେନାର୍ଡ-ଗଙ୍ଗାରାମ ପୁରସ୍କାର ପ୍ରଦାନ ପାଇଁ ଦେଇଥିଲେ । ପଞ୍ଜାବର କୃଷି କ୍ଷେତ୍ରରେ ଏହି ପୁରସ୍କାର ପ୍ରଦାନ କରିବାକୁ ପ୍ରତି ତିନିବର୍ଷରେ ଥରେ ସ୍ଥିର କରାଯାଇଥାଏ, ଯାହା ଆଜିବି ଜାରି ରହିଛି । ସାମାଜିକ କାର୍ଯ୍ୟ ପାଇଁ ୧୯୨୫ରେ ସେ ସାର ଗଙ୍ଗାରାମ ଟ୍ରଷ୍ଟ ସ୍ଥାପନା କରିଥିଲେ । ଟ୍ରଷ୍ଟ ଅଧୀନରେ ବିଧବାମାନଙ୍କ ପାଇଁ ଏକ ଆଶ୍ରମ ଗୃହ ଆରମ୍ଭ କରିଥିଲେ। ଲାହୋରର ବୟସ୍କ ଅବହେଳିତ ଏବଂ ଶାରୀରିକ ଅକ୍ଷମ ଲୋକମାନଙ୍କ ପାଇଁ ଏକ ଡାକ୍ତରଖାନା ନିଜ ଅର୍ଥରେ ଖୋଲିଥିଲେ। ଆଧୁନିକ ବାଣିଜ୍ୟିକ ଶିକ୍ଷା ପାଇଁ ସେ ଯେଉଁ ଶିକ୍ଷାନୁଷ୍ଠାନ ଖୋଲିଥିଲେ, ତାହା ଆଜି ହେଲି କଲେଜ ଅଫ୍ କମର୍ସ ନାମରେ ପ୍ରସିଦ୍ଧ। ସେ ନିଜ ଅର୍ଥରେ ସାର ଗଙ୍ଗାରାମ ଡାକ୍ତରଖାନା (ଏବେ ୫୫୦ ଶଯ୍ୟା ବିଶିଷ୍ଟ) ଏବଂ ଏକ ମେଡିକାଲ କଲେଜ ଖୋଲିଥିଲେ। ଦେଶ ବିଭାଜନ ପରେ ମେଡିକାଲ କଲେଜଟି ବନ୍ଦ ହୋଇଯାଇଛି । କିନ୍ତୁ ଗଙ୍ଗାରାମ ଡାକ୍ତରଖାନା ଆଜି ମଧ୍ୟ ଲାହୋରରେ ଖୋଲାଅଛି। କେତେକ ବ୍ୟକ୍ତି ଡାକ୍ତରଖାନା ନାମକୁ ବଦଳାଇବା ପାଇଁ ଅତୀତରେ ପ୍ରୟାସ କରିଥିଲେ ମଧ୍ୟ ସ୍ଥାନୀୟ ସାମାଜିକ ଅନୁଷ୍ଠାନଗୁଡିକର ପ୍ରବଳ ବିରୋଧ କ୍ରମେ ତାହା ସମ୍ଭବପର ହୋଇପାରିନାହିଁ । ଡାକ୍ତରଖାନା ନିର୍ମାଣ ପାଇଁ ସେ ଲରେନ୍ସ ରୋଡ ଏବଂ କୁଇନ୍ସ ରୋଡର ମିଳନସ୍ଥଳୀରେ ୧୯୨୧ରେ କିଣିଥିବା ଜମିରେ ୧,୩୧,୫୦୦ ଟଙ୍କା ଖର୍ଚ୍ଚ କରି ଡାକ୍ତରଖାନା ପାଇଁ ଗୃହ ନିର୍ମାଣ କରିଥିଲେ। ୧୦ ଜୁଲାଇ ୧୯୩୭ରେ ଗଙ୍ଗାରାମ ଲଣ୍ଡନ ଗସ୍ତରେ ଥିଲାବେଳେ ସେଠାରେ ହୃଦ୍‌ଘାତ ହେବାରୁ ମୃତ୍ୟୁବରଣ କରିଥିଲେ। ଲଣ୍ଡନରେ ଗଙ୍ଗାରାମଙ୍କ ନିଜ ଘର ନିକଟସ୍ଥ ଗୋଲାଡର୍ସ ଗ୍ରୀନ କ୍ରିମାଟୋରିଅମ-ଠାରେ ତାଙ୍କର ଦାହ ସଂସ୍କାର ହୋଇଥିଲା। ଲାହୋରର ତକ୍ଷଶୀଳା ଗେଟ ନିକଟରେ ତାଙ୍କ ସମାଧି ନିର୍ମିତ ହେଲା। ଲାହୋର ମିଉଜିୟମ ବାହାରେ ମଲରୋଡରେ ସାର ଗଙ୍ଗାରାମଙ୍କ ପ୍ରତିମୂର୍ତ୍ତି ନିର୍ମିତ ହୋଇଥିଲା। କିନ୍ତୁ ୧୯୪୭ରେ ପ୍ରବଳ ଦଙ୍ଗାଗୋଳରେ ତାଙ୍କ ପ୍ରତିମୂର୍ତ୍ତିକୁ ବିକ୍ଷୋଭକାରୀମାନେ କ୍ଷତିଗ୍ରସ୍ତ କରିଥିଲେ, ଟେକା ଫିଙ୍ଗିଥିଲେ, ମୁହଁରେ କାଳି ବୋଳିଥିଲେ । ଇସଲାମର ନିୟମାନୁସାରେ ଜଣେ କାଫେର ହିନ୍ଦୁର ପ୍ରତିମୂର୍ତ୍ତି ଏପରି ସର୍ବସାଧାରଣରେ ରହିବା ଅନୁଚିତ ବୋଲି ରାଜନେତାମାନେ କହିବା ପରେ ପ୍ରତିମୂର୍ତ୍ତିକୁ ସେଠାରୁ ହଟାଇ ଦିଆଯାଇଥିଲା । ତେବେ ଦଙ୍ଗା ସମୟରେ ପୋଲିସ କାର୍ଯ୍ୟାନୁଷ୍ଠାନରେ ଆହତ ଦଙ୍ଗାକାରୀମାନେ ପ୍ରତିମୂର୍ତ୍ତିକୁ ଆଘାତ କରିବାକୁ ଯାଇ ସେହି ଗଙ୍ଗାରାମ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି ହୋଇଥିବା କଥା ସଆଦତ ହସନ ମିଣ୍ଟୋ ତାଙ୍କର ଏକ କାହାଣୀରେ ଉଲ୍ଲେଖ କରିଛନ୍ତି। ଗଙ୍ଗାରାମଙ୍କର ତିନିପୁତ୍ର ବାଳକ ରାମ, ସେବକରାମ, ହରିରାମ ଏବଂ ଦୁଇ ଝିଅ ଈଶ୍ୱର ଦେବୀ ଏବଂ ଜ୍ୱାଲାଦେବୀ ଥିଲେ ।

ଦେଶ ବିଭାଜନ ପରେ ଗଙ୍ଗାରାମଙ୍କ ପରିବାର ବର୍ଗ ଭାରତକୁ ଚାଲିଆସିଥିଲେ। ତାଙ୍କର ଜ୍ୱାଇଁ ଧର୍ମବୀର ନେହେରୁଙ୍କ ବ୍ୟକ୍ତିଗତ ସହାୟକ ଭାବେ କାର୍ଯ୍ୟ କରୁଥିଲେ । ଧର୍ମବୀରଙ୍କ ପୁତ୍ର ଇନ୍ଦୁବୀର ନୂଆଦିଲ୍ଲୀର ଗଙ୍ଗାରାମ ହସପିଟାଲ ସ୍ଥାପନ କରିଥିଲେ । ୨୬ ନଭେମ୍ବର ୧୯୫୭ରେ ଗଙ୍ଗାରାମଙ୍କ ସ୍ମୃତିରେ ସେ ପାଠ ପଢୁଥିବା ରୁର୍‌କୀର ଥମ୍‌ସନ୍ କଲେଜ ଅଫ ଇଞ୍ଜିନିୟରିଂଠାରେ ଏକ ଛାତ୍ରାବାସ ସ୍ଥାପିତ ହୋଇଥିଲା । ଗଙ୍ଗାରାମଙ୍କ ପରିବାରବର୍ଗ ଆଜିକାଲି ଭାରତ ସମେତ ବ୍ରିଟେନ ଓ ଆମେରିକାରେ ବସବାସ କରୁଛନ୍ତି । ସାର ଗଙ୍ଗାରାମ ଜଣେ ଶିକ୍ଷିତ ସଫଳ ସରକାରୀ କର୍ମଚାରୀରୁ ଚାଷୀ ଓ ସମାଜସେବୀ ଭାବେ ଭିନ୍ନ ଭିନ୍ନ କ୍ଷେତ୍ରରେ ନିଜ ଦକ୍ଷତାକୁ ପ୍ରମାଣିତ କରିଥିଲେ। ଉଭୟ ଭାରତ ଓ ପାକିସ୍ଥାନର ଲୋକଙ୍କ କଲ୍ୟାଣରେ ତାଙ୍କ ଜୀବଦ୍ଦଶାରେ ସେ ଯେପରି ସାମାଜିକ କାର୍ଯ୍ୟ କରି ଥିଲେ, ତାଙ୍କ ମୃତ୍ୟୁପରେ ମଧ୍ୟ ଉଭୟ ଦେଶରେ ତାଙ୍କ ନାମରେ ନାମିତ ଅନୁଷ୍ଠାନଗୁଡିକ ଜନକଲ୍ୟାଣରେ କାର୍ଯ୍ୟରତ ରହିଛନ୍ତି ।

***-ଭାରତୀୟ ସମ୍ବାଦ ସେବା (ଭାସ୍), ଭୁବନେଶ୍ୱର-୩***




# ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ଗଞ୍ଜାମ ପାଇଁ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ପି.ଏନ): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି ଗଞ୍ଜାମ ଗସ୍ତରେ ଯାଇ ମା ତାରା ତାରିଣୀଙ୍କ ପବିତ୍ର ପୀଠରୁ ଜିଲ୍ଲା ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କରିଛନ୍ତି । ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଚଳିତ ବର୍ଷ ସ୍ୱାଧୀନତା ଦିବସ ଅବସରରେ ସ୍ମାର୍ଟ ହେଲ୍‌ଥ କାର୍ଡ ସଂପର୍କରେ ଘୋଷଣା କରିଥିଲେ । ଏହାପରେ ଅଗଷ୍ଟ ୨୦ ତାରିଖରେ ସେ ମାଲକାନଗିରିରେ ପ୍ରଥମ କରି ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନର ଶୁଭାରମ୍ଭ କରିଥିଲେ ।ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସାଧାରଣ ଲୋକଙ୍କୁ ଉତମ ଚିକିତ୍ସା ସୁବିଧା ଯୋଗାଇ ଦେବା ହେଉଛି ସରକାର ଙ୍କ ପ୍ରତିବଦ୍ଧତା । ଏବଂ ଏ ଦିଗରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ସ୍ମାର୍ଟ ହେଲ୍‌ଥ କାର୍ଡ ରାଜ୍ୟ ବାସୀଙ୍କ ପାଇଁ ସରକାରଙ୍କର ଶ୍ରେଷ୍ଠ ଉପହାର ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।ବିଜୁସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲଥ୍ କାର୍ଡ ଦ୍ୱାରା ରାଜ୍ୟର ୯୬ ଲକ୍ଷ ପରିବାରର ସାଢେ ତିନି କୋଟି ଲୋକ ଉପକୃତ ହେବେ ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହାଦ୍ୱାରା ଆମର ଗରିବ ଲୋକମାନେ ସ୍ୱାସ୍ଥ୍ୟ ସେବା ପାଇଁ ଅନେକ ସମସ୍ୟାରୁ, ବିଶେଷକରି ଚିକିତ୍ସା ଖର୍ଚ୍ଚ ଜନିତ ଆର୍ଥିକ ସମସ୍ୟାରୁ ମୁକ୍ତ ହୋଇପାରିବେ । ଲୋକମାନେ ସ୍ୱାସ୍ଥ୍ୟ ସମସ୍ୟାରେ ପଡିଲେ ଚିକିତ୍ସା ପାଇଁ କିପରି ଜମିବାଡି ବିକିବାକୁ ବାଧ ହୁଅନ୍ତି, ପିଲାଙ୍କ ପାଠପଢା ବନ୍ଦ କରନ୍ତି, ସେ ସବୁ ବିଷୟରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଲେ ଯେ ଏହା ତାଙ୍କୁ ବହୁତ ଦୁଃଖ ଦେଇଥାଏ ।ବର୍ତମାନ ଲୋକମାନେ ବିନା କୌଣସି ଅସୁବିଧାରେ କାର୍ଡ ଖଣ୍ଡିଏ ଧରି ଦେଶର ୨୦୦ ବଡ ବଡ ହସ୍‌ପିଟାଲରେ ଭଲ ଚିକିତ୍ସା ପାଇପାରିବେ । ଏଥିପାଇଁ ଟଙ୍କାଟିଏ ବି ଖର୍ଚ୍ଚ କରିବାକୁ ପଡିବ ନାହିଁ ବୋଲି ସେ କହିଥିଲେ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ତାଙ୍କ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ। ଚାଷୀ ହେଉ ବା ମୂଲିଆ ବା ରିକ୍ସା ବାଲା - ସମସ୍ତେ ସମ୍ମାନର ସହ ବଂଚନ୍ତୁ । ଏହା ତାଙ୍କର ବିଭିନ୍ନ କଲ୍ୟାଣ କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ।ଏହି ଅବସରରେ ମୁଖ୍ୟମନ୍ତ୍ରୀ ୭ ଜଣ ହିତାଧିକାରୀଙ୍କୁ ବିଜୁ ସ୍ମାର୍ଟ ହେଲ୍‌ଥ କାର୍ଡ ବଂଟନ କରିଥିଲେ ।ସ୍ୱାସ୍ଥ୍ୟ କାର୍ଡ ବଂଟନ ସହିତ ମୁଖ୍ୟମନ୍ତ୍ରୀ ଗଞ୍ଜାମ ରେ ୨୧୪୦ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଶୁଭାରମ୍ଭ ମଧ କରିଥିଲେ । ଏଥିରେ ସଂଯୋଗୀକରଣ ଠାରୁ ଆରମ୍ଭ କରି ଭିତିଭୂମି ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ, ଜୀବିକା, ପରିମଳ, ଜଳସେଚନ, ଶକ୍ତି, ମହିଳା ଓ ଶିଶୁବିକାଶ ଆଦି ବିଭିନ୍ନ କ୍ଷେତ୍ରରେ ନିର୍ମାଣ କାର୍ଯ୍ୟ କରାଯିବ।ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଶ୍ରୀ ନବ ଦାସ ଜଙ୍ଗଲ ମନ୍ତ୍ରୀ ଶ୍ରୀ ବିକ୍ରମ କେଶରୀ ଆରୁଖ ଯୋଗ ଦେଇ ସ୍ୱାସ୍ଥ୍ୟ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ପଦକ୍ଷେପ ସଂପର୍କରେ ଆଲୋକପାତ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଦୂରଦର୍ଶୀ ନେତୃତ୍ୱର ଉଚ୍ଚପ୍ରଶଂସା କରି ଓଡ଼ିଶାର ଯୋଜନା କିପରି ଅନ୍ୟ ରାଜ୍ୟ ତଥା କେନ୍ଦ୍ର ସରକାର ଅନୁକରଣ କରୁଛନ୍ତି ତାର ଉଦାହରଣ ଦେଇଥିଲେ। ଏମ୍ ପି ଚନ୍ଦ୍ରଶେଖର ସାହୁ ,ଏମ୍ ପି ଶ୍ରୀମତୀ ପ୍ରମିଳା ବିଶୋଇ , ବିଧାୟକ ଶ୍ରୀ ବିକ୍ରମ ପଣ୍ଡା ପ୍ରମୁଖ ଯୋଗ ଦେଇ ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱର ପ୍ରଶଂସା କରିଥିଲେ । ବିଧାୟକ ଶ୍ରୀ ଶ୍ରୀ କାନ୍ତ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ମନ୍ତ୍ରୀମଣ୍ଡଳର ଅନେକ ସଦସ୍ୟ, ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ ।ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ତାରାତାରିଣୀ ମନ୍ଦିର ଯାଇ ମାଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ପରେ ସେଠାରେ ମନ୍ଦିର ବିକାଶ କାମର ସମୀକ୍ଷା କରି ୨୦୨୩ ସୁଦ୍ଧା କାମ ସମ୍ପୂର୍ଣ୍ଣ ହେବ ବୋଲି ଘୋଷଣା କରିଥିଲେ । ତାରାତରିଣୀ ପୀଠରୁ ମୁଖ୍ୟମନ୍ତ୍ରୀ ହିଞ୍ଜିଳି ଯାଇ ସେଠାରେ ବିଭିନ୍ନ କାର୍ଯ୍ୟକ୍ରମ ରେ ଭାଗ ନେଇଥିଲେ ।ଗଞ୍ଜାମ ରେ ମିଶନ ଶକ୍ତି ମା ମାନଙ୍କ କାମର ମୁଖ୍ୟମନ୍ତ୍ରୀ ଉଚ୍ଚ ପ୍ରଶଂସା କରିବା ସହ ବିଭିନ୍ନ ମିଶନ ଶକ୍ତି ଗୋଷ୍ଠୀ ଙ୍କୁ ଶହେ କୋଟି ଟଙ୍କାର ଋଣ ବଂଟନ କରିଥିଲେ ।୫ଟି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମରେ ରୂପାନ୍ତରିତ ବୃନ୍ଦାବନ ବିଦ୍ୟାପୀଠର ସ୍ମାର୍ଟ କ୍ଲାସ ରୁମ ଓ ଇ ଲାଇବ୍ରେରୀ ମୁଖ୍ୟମନ୍ତ୍ରୀ ବୁଲି ଦେଖି ଥିଲେ ଓ ଛାତ୍ରଛାତ୍ରୀ ଙ୍କୁ ମଧ ଭେଟି ସେମାନଙ୍କ ସହ କିଛି ସମୟ ବିତାଇ ଥିଲେ । ହିଞ୍ଜିଳିରୁ ମୁଖ୍ୟମନ୍ତ୍ରୀ ପତାକା ଦେଖାଇ ଗଞ୍ଜାମ ଦର୍ଶନ ବସ୍ ର ଶୁଭ ଯାତ୍ରା ଆରମ୍ଭ କରିଥିଲେ ।ମୁଖ୍ୟମନ୍ତ୍ରୀ ଙ୍କ ସହିତ ୫ଟି ସଚିବ ଶ୍ରୀ ଭି କେ ପାଣ୍ଡିଆନ ମଧ ଗଞ୍ଜାମ ଯାଇ ଥିଲେ ।

## ଗୋକର୍ଣ୍ଣିକା ସାହିତ୍ୟ ସମାଜର ସମାବର୍ତ୍ତନ ଉତ୍ସବ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜାରକା ସିଭିକ ସେଂଟର ପରିସରରେ ଗୋକର୍ଣ୍ଣିକା ସାହିତ୍ୟ ସମାଜର ୪୭ତମ ବାର୍ଷିକ ସମାବର୍ତନ ଉତ୍ସବ ଆଜି ଅନୁଷ୍ଠିତ ହୋଇଯାଇଛି । ଲୋକସେବକ ମଣ୍ଡଳର ଉପସଭାପତି ନିରଂଜନ ରଥ ଏହି ଉତ୍ସବକୁ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଅନୁଷ୍ଠାନର ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ବରେଣ୍ୟ ଅତିଥି ଭାବେ କବି ତଥା ଶିଶୁ ସାହିତ୍ୟ ସ୍ରଷ୍ଟା ପ୍ରଫେସର ଡ ମନୋରମା ବିଶ୍ୱାଳ ମହାପାତ୍ର ଯୋଗଦେଇ ପ୍ରକୃତ ସାହିତ୍ୟ ଗ୍ରାମାଂଚଳରେ ରହିଛି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗୋକର୍ଣ୍ଣିକା ନୂତନ ବର୍ଷ ୨୦୨୨ ସଂଖ୍ୟା, ଉତ୍ସବ ଉପଲକ୍ଷେ ଗୋକର୍ଣ୍ଣିକା ସ୍ମରଣିକା, ଡ. ପୁରୁଷୋତମ ବିଶ୍ୱାଳଙ୍କ ଗଳ୍ପ ବୈଭବ ନପୁଣ୍ୟ ଗୋଦାବରୀ ତୀରେନ୍ତ, ସ୍ନେହଲତା ବିଶ୍ୱାଳଙ୍କ ନକଥା କୋଥଳିନ୍ତ,ଡ. ରବିନ୍ଦ୍ର ବିହାରୀଙ୍କ ନଗଛ ଉବାଚନ୍ତ, ଡ. ବିଦ୍ୟାଧର ଦାସଙ୍କ ନବ୍ୟାସ ସରୋବର ଐତିହ ଓ ପରମ୍ପରାନ୍ତ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହ ପ୍ରଖ୍ୟାତ କବି ନିତ୍ୟାନନ୍ଦ ନାୟକଙ୍କୁ ଗୋକର୍ଣ୍ଣିକା ପୁରସ୍କାର, ପ୍ରାବନ୍ଧିକ ବୈକୁଣ୍ଠନାଥ ରଥ ସ୍ମୃତି ପୁରସ୍କାର ଶାନ୍ତି ନିକେତନର ପ୍ରଫେସର ଡ. ମନୋରଂଜନ ପ୍ରଧାନ, ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ପୁରସ୍କାର ରବିନ୍ଦ୍ର ନାଥ ମାଝି, ଗୋକର୍ଣ୍ଣିକା ନାଟକ ପୁରସ୍କାର ପ୍ରଫେସର ସମର ମୁଦାଲିଙ୍କୁ ଅର୍ଥରାଶି, ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇଥିବା ବେଳେ ଗୋକର୍ଣ୍ଣିକା ପ୍ରବନ୍ଧ ସମ୍ମାନ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ, କବିତା ସମ୍ମାନ କବି ରକ୍ଷକ ନାୟକ, କଥାକାର ସମ୍ମାନ ରାମଚନ୍ଦ୍ର ଦାଶ, ଗୀତି କବିତା ସମ୍ମାନ ମନୋଜ କୁମାର ମହାନ୍ତି, ସଂସଦ ସମ୍ମାନ କବି ଦୀନବଂଧୁ ପଣ୍ଡା, ଶିକ୍ଷାବିତ ସମ୍ମାନ ପ୍ରଧାନ ଶିକ୍ଷୟିତ୍ରୀ ଯୁଗପ୍ରଭା ସାବତ, ୨୦୨୧ ବର୍ଷ ପାଇଁ କବିତା ସମ୍ମାନ ସୁବ୍ରତ ଦାସ, ବାଗ୍ମୀ ସମ୍ମାନ ପ୍ରାବନ୍ଧିକ ମହେନ୍ଦ୍ର କୁମାର ପଟ୍ଟନାୟକ, ନାଟକ ସମ୍ମାନ ଡ. ବିଧୁଭୂଷଣ ପଣ୍ଡା, ଲେଖିକା ସମ୍ମାନ ଡ. ଦୀପ୍ତିମୟୀ ବେହେରା, ଗଳ୍ପ ସମ୍ମାନ ଆର୍ତତ୍ରାଣ ମହାପାତ୍ର, କଥାକାର ସମ୍ମାନ ଶ୍ରୀମତୀ ସୁଜାତା ମହାପାତ୍ର, ଗଳ୍ପ ସମ୍ମାନ କେଶବ ଚନ୍ଦ୍ର ରାଉତରାୟ, ସାମ୍ବାଦିକ ସମ୍ମାନ କଳିଙ୍ଗ ଟିଭି ଓ କେନ୍ୟୁଜର ପ୍ରାଚୀ ମହାପାତ୍ର, ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀ ଶିଶୁ ସାହିତ୍ୟ ସମ୍ମାନ ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ, ବୈକୁଣ୍ଠନାଥ ସ୍ମୃତି ସମ୍ମାନ ଡ. ସନ୍ତୋଷ କୁମାର ମହାପାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ଅତିଥିମାନଙ୍କୁ ଉପଦେଷ୍ଟା ବିଦ୍ୟାଧର ସାହୁ ଓ ପ୍ରଫେସର ବିଜୟ କୁମାର ଶତପଥୀ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଗୋକର୍ଣ୍ଣିକା ସହସଂପାଦକ ଡ. ତୁହିନାଂଶୁ ରଥ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ମିନତୀ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂପାଦକ ହୃଷିକେଶ ସାମଲ ବାର୍ଷିକ ବିବରଣୀ ପାଠ, ଅନ୍ୟତମ ଉପସଭାପତି ମାଧୁରୀ ଶତପଥୀ ପବିତ୍ର ମନ୍ତ୍ର ପାଠ, ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମକୁ ସଂଗ୍ରାମ କେଶରୀ ଜେନା, ଗୋକର୍ଣ୍ଣିକା ସଂପାଦିକା ଲୋପାମୁଦ୍ରା ଜେନା, କାର୍ଯ୍ୟକାରୀ କମିଟି ସଦସ୍ୟ ପ୍ରେମଲତା ଜେନା ପ୍ରମୁଖ ପରିଚାଳନା କରିଥିଲେ। ସଭା ପ୍ରାରମ୍ଭରେ ବାୟୁସେନା ହେଲିକ୍ୟାପଟର ଦୁର୍ଘଟଣାରେ ପ୍ରାଣ ହରାଇଥିବା ସିଡିଏସ ବିପିନ ରାୱତ ଓ ଅନ୍ୟ ସେନା ଅଧିକାରୀ ଓ କବୟତ୍ରୀ ରୀନା ମହାପାତ୍ରଙ୍କ ଅକାଳ ବିୟୋଗ ପାଇଁ ୨ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା । ବରିଷ୍ଠ ସଭ୍ୟ ବଟକୃଷ୍ଣ ପରିଡା, ଅଧ୍ୟାପକ ବିଜୟ କୁମାର ନାୟକ, ଡ. ଇନ୍ଦୁପ୍ରଭା ସାମଲ, ବିନୋଦ ବିହାରୀ ସାହୁ, ଅଜୟ ବାରିକ, ରଂଜିତା ବାରିକ, ଜ୍ୟୋତିର୍ମୟୀ ଦେଓ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ସହସଂପାଦକ ନାରାୟଣ କୁମାର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ସିଡ଼ିଏସ ବିପିନ ରାୱତଙ୍କ ଅକାଳ ବିୟୋଗରେ ଜୟଦେବ ଯୁବ ସାମ୍ବାଦିକ ସଙ୍ଘ ଓ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟ ପକ୍ଷରୁ ଅଶ୍ରୁଳ ଶ୍ରଦ୍ଧାଞ୍ଜଳୀ

ବାଲିଅନ୍ତା/ବାଲକାଟି ,(ପ.ଏନ): ତାମିଲନାଡୁ ଅନ୍ତର୍ଗତ କୁନୁରଠାରେ ହେଲିକପ୍ଟର ଦୁର୍ଘଟଣାରେ ଦେଶର ସିଡ଼ିଏସ ଜେନେରାଲ ବିପିନ ରାୱତ ଓ ତାଙ୍କ ଧର୍ମପତ୍ନୀଙ୍କ ସମେତ ୧୩ ଜଣ ବିର ସୈନିକ ପ୍ରାଣ ହରାଇଛନ୍ତି। ସାରା ଦେଶ ଉକ୍ତ ଘଟଣାରେ ସ୍ତବ୍ଧ ଥିବାବେଳେ ଦେଶର କୋଣ ଅନୁକୋଣରୁ ଶହୀଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି ।ଏହି ପରିପ୍ରେକ୍ଷୀରେ ରବିବାର ଦିନ ସଂନ୍ଧ୍ୟାରେ ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ବ୍ଲକ ଟଙ୍କପାଣି ନଦୀ ବ୍ରିଜ ପାଖରେ ଜୟଦେବ ଯୁବ ସାମ୍ବାଦିକ ସଙ୍ଘ ଓ ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ସଦସ୍ୟ ମାନଙ୍କଦ୍ୱାରା ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ନିମନ୍ତେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଉକ୍ତ ଶୋଭାଯାତ୍ରାଟି ଟଙ୍କପାଣି ନଦୀ ବ୍ରିଜ ପାଖରୁ ବାହାରି ପ୍ରତିମୂର୍ତି ଠାରେ ସମାପ୍ତ ହୋଇଥିଲା। ସେଠାରେ ଶହୀଦଙ୍କ ଆତ୍ମାର ସଦଗତି ନିମନ୍ତେ ସମସ୍ତ ସଦସ୍ୟ ଦୁଇ ମିନିଟ ନୀରବ ପ୍ରାର୍ଥନା କରିବା ସହ ଶହୀଦଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ସ୍‌ଲୋଗାନ ଦେଇଥିଲେ । ଗ୍ରୀନ ଜୟଦେବ ଟ୍ରଷ୍ଟର ମୁଖ୍ୟ ଦୀନବନ୍ଧୁ ଭୋଇ ଓ ଜୟଦେବ ଯୁବ ସାମ୍ବାଦିକ ସଙ୍ଘର ସଭାପତି ଗଗନ ଭୋଇଙ୍କ ନେତୃତ୍ୱରେ ଏହି ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମ ରେ ଗ୍ରୀନ ଜୟଦେବ ଟ୍ରଷ୍ଟର ଉପଦେଷ୍ଟା ନାରାୟଣ ବେହେରା, ଉପଦେଷ୍ଟା ବିଦୁଭୂଷଣ ପଟ୍ଟନାୟକ,ଗ୍ରୀନ ଜୟଦେବ ଫାଉଣ୍ଡେସନ ଟ୍ରଷ୍ଟର ଟ୍ରଷ୍ଟି ଗୋବିନ୍ଦ ବେହେରା, ସୁବାଷ ଦାସ, ବିଷ୍ଣୁ ଚରଣ ସାହୁ , ଗୁଲଜାର ହୁସେନ, ଜଗନ୍ନାଥ ମିଶନର ମୁଖ୍ୟ ପ୍ରଭାତ କୁମାର ସାହୁ, ଉମାକାନ୍ତ ବେହେରା, ଥାଇ ବାକ୍ସି ବିଜେତା ଶ୍ରୀଲିପ୍ସା ଆଚାର୍ଯ୍ୟ,ସମାଜ ସେବୀ ସଂଜେୟ ପରିଡା, ଜୟଦେବ ଯୁବ ସାମ୍ବାଦିକ ସଙ୍ଘର ସଦସ୍ୟ ମିଥୁନ କୁମାର ସାହୁ ,ଆଶୁତୋଷ ଚୌଧୁରୀ,ପ୍ରଳୟ କୁମାର ଦାସ,ପ୍ରଶାନ୍ତ ବଡ଼ ଖବର ,ସମାଜ ସେବୀ ଜଗନ୍ନାଥ ପାଢି, ପ୍ରମୁଖ ଉପସ୍ଥିତ ରହିଥିଲ ।

## ଭେଙ୍କଟେଶ୍ୱର ସ୍କୁଲ୍‌ରୁ ୩୬ ୟୁନିଟ୍ ରକ୍ତ ସଂଗୃହୀତ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ଜାରକାସ୍ଥିତ ଭେଙ୍କଟେଶ୍ୱର ସ୍କୁଲ୍‌ରେ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଅଂଶୁମାନ ମେମୋରିଆଲ୍ ଟ୍ରଷ୍ଟ୍‌ର ସଂପାଦକ ହିମାଂଶୁ ଶେଖର ସାହୁ ଶିବିରକୁ ଉଦ୍‌ଘାଟନ କରିଥିଲେ । ଶିବିରରୁ ମୋଟ ୩୬ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା । ସ୍କୁଲ୍‌ର ଚେୟାରମ୍ୟାନ୍ ଇଂ ତପନ କିଶୋର ଷଡ଼ଙ୍ଗୀ, ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଣୟ କିଶୋର ଦାଶ, ପାଟକୁରା ଥାନାଧିକାରୀ ସରୋଜ କୁମାର ସାହୁ, ସ୍ତମ୍ଭକାର ମନୋରଂଜନ ମହାନ୍ତି, କବି ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ସାମାଜିକ କର୍ମୀ ଦେବବ୍ରତ ରାଉତ, ଅଧ୍ୟାପକ ବିଜୟ କୁମାର ନାୟକ, ଧର୍ମଶାଳା ବ୍ଲକ କଂଗ୍ରେସ ସଭାପତି କିଶାନ ପଣ୍ଡା, ବିଜେପି ନେତା ସର୍ବେଶ୍ୱର ବେହୁରା, ରାଜ୍ୟ ଯୁବ କଂଗ୍ରେସ ମୁଖପାତ୍ର ମାନସ ରନ କର, ଜାରକା ସମିତି ସଭ୍ୟ ସୁଦାମ ଚରଣ ବେହେରା, କୃଷକନେତା ବସନ୍ତ କୁମାର ପରିଡା, ହେମନ୍ତ ଦୋରା, କବି ସଂଗ୍ରାମ କେଶରୀ ଜେନା, ଅଧ୍ୟାପକ ଡ. ସଂଜୟ କୁମାର ରାୟ, ଇଂ କଳ୍ପତରୁ ସାହୁ, ବ୍ୟବସାୟୀ କାଶୀନାଥ ସାହୁ, ଯୁବନେତା ଉଗ୍ରସେନ ମହାନ୍ତି, ସମାଜସେବୀ ଗୋଲକ ଚନ୍ଦ୍ର ପଲେଇ ଅତିଥି ଭାବେ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ସାମ୍ବାଦିକ ବିକ୍ରମ କେଶରୀ ମହାନ୍ତି, ଅଖିଳ କୁମାର ସ୍ୱାଇଁ, ବିମଳ ଚନ୍ଦ୍ର ପତି, ବିବେକାନନ୍ଦ ରାୟ, ବିନୋଦ ବିହାରୀ ସାହୁ, ସେକ୍ ଆଲ୍ଲାଉଦ୍ଦିନ୍, ରନ କୁମାର ଓଝା, ସନ୍ତୋଷ କୁମାର ଓଝା, ଶିକ୍ଷକ ସୁଶାନ୍ତ କୁମାର ସାହୁ, ରୋଟାରିଆନ୍ ପ୍ରଶାନ୍ତ କୁମାର ପୃଷ୍ଟି, କୈଳାଶ ଚନ୍ଦ୍ର ଦାସ, ରୁଦ୍ର ବରାଳ, ଯୁବନେତା ପ୍ରଫୁଲ୍ଲ କୁମାର ରାଉତ, ସୌରଭ କୁମାର ଜେନା, ଧର୍ମଶାଳା ଖବର କାଗଜ ବିତରକ ସଂଘ ସଭାପତି ପ୍ରମୋଦ କୁମାର ରାଉତ, ଅଂଶୁମାନ ଟ୍ରଷ୍ଟ୍ ସଦସ୍ୟ ଦେବରାଜ ମିଶ୍ର, ରାଜେଶ ପାଳ, ରାକେଶ ରାଉତ, ବିଭୁରନ ରାଉତ, ବିଶ୍ୱଜିତ୍ ସ୍ୱାଇଁ, ରାଜକିଶୋର ସ୍ୱାଇଁ, ଅଭିଜିତ୍ ପଣ୍ଡା, ସତ୍ୟକାନ୍ତ ସାମଲ, ହିମାଂଶୁ ମହାନ୍ତି, ଧନୟ ପାଣ୍ଡବ, ସ୍କୁଲ୍ ଶିକ୍ଷୟିତ୍ରୀ ଦୀପ୍ତିମୟୀ ଓଝା, ମୋନାଲିସା ନାୟକ, ଦେବୀରୂପା ଗଡନାୟକ, ସଂପୂର୍ଣ୍ଣା ରାଉତ, ସସ୍ମିତା ସେନାପତି, ସନ୍ଧ୍ୟାରାଣୀ ପରିଡ଼ା, ଶିକ୍ଷକ ଆଲୋକ ସାହୁ, ଜନରନ ପାଢୀ, କର୍ମଚାରୀ ଦିନେଶ ଯାଦବ, ଭାରତୀ ବେହେରା, ସ୍ୱେଚ୍ଛାସେବୀ ଶତାବ୍ଦୀ ସାମଲ, ରାଜେଶ ସାମଲ, ସିଦ୍ଧାର୍ଥ ସାମଲ ଶିବିର ପରିଚାଳନାରେ ସହାୟତା କରିଥିଲେ । କଟକ କେନ୍ଦ୍ରୀୟ ରେଡ୍‌କ୍ରସ୍ ରକ୍ତଭଣ୍ଡାର ପକ୍ଷରୁ ଡ. ସୁଧାଂଶୁ ଶେଖର ସାହୁ, ସଂଯୋଜକ ଅବିନାଶ ଦାଶ, ଏଲ୍‌ଟି ରନ କୁମାର ଦାସ, ଏଲ୍ଏ ମୃତ୍ୟୁଞ୍ଜୟ ବେଜ, ସୌମ୍ୟରଂଜନ ବେହେରା ଓ କାର୍ତ୍ତିକ ବନଛୋର ଯୋଗଦେଇ ଶିବିରରୁ ରକ୍ତ ସଂଗ୍ରହ କରିଥିଲେ । ସାମ୍ବାଦିକ ସୀତାକାନ୍ତ ସାମଲ, ପରମାନନ୍ଦ ସାହୁ, ପ୍ରବୋଧ କୁମାର ମିଶ୍ର ଯୋଗଦେଇ ସହଯୋଗ କରିଥିଲେ ।

# ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି । ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି । ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ । ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି । କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି । ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପତ୍ତି ହୋଇଥିଲା । କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ । ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ୱଷ୍ଟ ଭାବେ ଜଣାଇଛି । ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି । ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି । ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା । ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା । ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି । ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୁପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି । ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି । ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କାର୍ତ୍ତିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୈଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି ।

## ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି

ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି । ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା । ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି । ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ । ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି । ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା । ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ । ପ୍ରତିଟି ଦିନ ଅତିବାହିତ ହେବାସହିତ ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା । ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ । ସେ ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ । ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ । ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା । ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା । ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ । ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ । କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ ।



## ମାଓବାଦୀ ନେତ୍ରୀଙ୍କ ପୋଲିସ ଡିଜିଙ୍କ ଉପସ୍ଥିତିରେ ଆତ୍ମ ସମର୍ପଣ

ଜୟପୁର, (ପି.ଏନ): ଆଜି କୋରାପୁଟ ଗସ୍ତରେ ଡିଜିପି ଅଭୟ ଆସିଥିବା ବେଳେ କୋରାପୁଟସୁନାବେଡା ଟାରେ କେକେବିଏନ ଡିଭିଜନ ମହିଳା ମାଓବାଦୀ ଫୁଲବତୀ ଓସେଣ୍ଡି ଓରଫ ଅରୁଣା ଆତ୍ମସମର୍ପଣ କରିଛି ।ସେ ୨୦୧୯ ସାଧାରଣ ନିର୍ବାଚନ ବେଳେ ବିଭିନ୍ନ ମାଓ ହିଂସା ରେ ଜଡିତ ଥିଲେ। ୨୦୦୮ ନଭେମ୍ବର ରୁ ମାଓବାଦୀ ସଂଗଠନ ରେ ଯୋଗ ଦେଇଥିଲେ ।ଅପର ପକ୍ଷରେ ଏଇ କାର୍ଯ୍ୟକ୍ରମ ରେ କୋରାପୁଟ ଏସପି ଙ୍କ ସମେତ ୧୦ ଯବାନ ଜଣକୁ ଡିଜିପି ସମ୍ମାନିତ କରିଥିଲେ କରାଯାଇଥିଲା। ଗସ୍ତ ସମୟରେ ଡିଜିପି ଅଭୟ ପୋଟାଙ୍ଗି ଥାନାର ନୂତନ କୋଠା କୁ ଉଦ୍ଘାଟନ କରିଛନ୍ତି ।ଏଇ ଗସ୍ତ ସମୟରେ ଆଏଇଜି ଅପରେଅସନ ଅମିତାଭ ଠାକୁର, ବିଏସଏଫ ର ବରିଷ୍ଠ ଅଧିକାରୀ ଙ୍କ ସହ କୋରାପୁଟ ନବରଙ୍ଗପୁର ଏସପି ଉପସ୍ଥିତ ଥିଲେ ।କୋରାପୁଟ ଓ ନବରଙ୍ଗପୁର ଏସପିଙ୍କୁ ନରିକ୍ଷ ସୁରକ୍ଷା ସେବା ପୁରସ୍କାର ପ୍ରଦାନ କରାଗଲା।

# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗତିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର । ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ । ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ । ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ ନାହିଁ । କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ । ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ । ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।






# ମୁଖ୍ୟମନ୍ତ୍ରୀଙ୍କ ଆଚରଣ ପାଇଁ ଓଡ଼ିଶାବାସୀ ଲଜ୍ଜିତ



ଭୁବନେଶ୍ୱର (ପିଏନ୍)-ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟ କାର୍ଡ ବାଂଟିବାକୁ ବିଭିନ୍ନ ଜିଲ୍ଲା ଗସ୍ତ କରୁଛନ୍ତି। ବିଧାନସଭା ବାଟଦେଇ ହକି ଟ୍ରଫି ଦେବାପାଇଁ କଳିଙ୍ଗ ଷ୍ଟାଡିୟମ ଯାଉଛନ୍ତି। ରାଜ୍ୟର ସମ୍ବେଦନଶୀଳ ପ୍ରସଙ୍ଗରେ ଆଲୋଚନା ପାଇଁ ବିଧାନସଭା ନ ଆସି କରୋନାର ଆଳ ଦେଖାଇ ନବୀନ ନିବାସରେ ଲୁଚି ରହିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ଆଚରଣ ଗଣତନ୍ତ୍ର ଓ ବିଧାନସଭାକୁ ଅପମାନ। ମୁଖ୍ୟମନ୍ତ୍ରୀଙ୍କ ଏଭଳି ଆଚରଣ ପାଇଁ ଓଡ଼ିଶାର ସଚେତନ ବୁଦ୍ଧିଜୀବି ଓ ଜନତା ଲଜ୍ଜିତ ହେଉଥିବେ ବୋଲି ପ୍ରଦେଶ କଂଗ୍ରେସ ମୁଖପାତ୍ର ମନୋଜ କୁମାର ମହାପାତ୍ର କହିଛନ୍ତି।

କଂଗ୍ରେସ ଭବନରେ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ମହାପାତ୍ର କହିଲେ ଯେ, ଦୀର୍ଘ ୨୧ ବର୍ଷ ଧରି ଯାହାକୁ ବ୍ୟାପକ ଜନ ସମର୍ଥନ ଦେଇ ଶାସନ ଭାର ଦେଇଥିଲେ। ସେ ଲୋକ ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗର ଆଲୋଚନା ପାଇଁ ବିଧାନସଭା ଆସୁନାହିଁ। କ୍ୟାବିନେଟ ମନ୍ତ୍ରୀମାନେ ବିଭିନ୍ନ ଅପରାଧରେ ଜଡ଼ିତ। କୃଷକ, ଶ୍ରମିକ ଓ ଶିକ୍ଷିତ ବେକାରୀ ସମସ୍ୟାର ଓଡ଼ିଶା ଜର୍ଜରିତ। ମମିତା ମେହେର ହତ୍ୟା ପ୍ରସଙ୍ଗରେ ଅନ୍ୟାୟର ସୀମା ଚରମ ସୀମାରେ ଘଟଣାରେ କେବଳ ହତ୍ୟାକାରୀକୁ ଧରି ହତ୍ୟାକାଣ୍ଡର ମୁଖ୍ୟ ଷଡ଼ଯନ୍ତ୍ର କାରୀ ସେକ୍ସ ସ୍କାଣ୍ଡାଲ ର୍ୟାକେଟରେ ରାଣୀ ମହୁମାଛିକୁ ଗିରଫ କରାଯାଇ ନାହିଁ। ପୋଲିସ୍ ତଥ୍ୟ ପ୍ରମାଣ ନଷ୍ଟ କରି ଅଭିଯୁକ୍ତର ସୁରକ୍ଷା ଦେଇ ନିଜେ ଅପରାଧି। ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଓଡ଼ିଶାବାସୀ ମମିତା ପାଇଁ ନ୍ୟାୟ ମାଗୁଥିବା ବେଳେ ମୁଖ୍ୟମନ୍ତ୍ରୀ ନବୀନ ନିବାସରେ ଲୁଚିରହିଲେ। ମୁଖ୍ୟମନ୍ତ୍ରୀଙ୍କ ଏହି ଆଚରଣ ପାଇଁ ଓଡ଼ିଶାବାସୀ ଲଜ୍ଜିତ ଅନୁଭବ କରୁଥିବେ ଓ ଅନୁତପ୍ତ ମଧ୍ୟ ହେଉଥିବେ।

ଶାସକ ଦଳ ତରଫରୁ କୁହାଯାଉଛି ତଦନ୍ତ ଠିକ୍ ଭାବେ ଚାଲିଛି। ମମିତା ପ୍ରସଙ୍ଗରେ ଲୋକଙ୍କ ଦୃଷ୍ଟି ହଟାଇବା ପାଇଁ ବିଧାନସଭାକୁ ଅଚଳ କରୁଛି। ଦରଦାମ ବୃଦ୍ଧି, କେନ୍ଦ୍ର ଅବହେଳା ଓ ୧୮୧୭ ପାଇକ ବିଦ୍ରୋହକୁ ଦେଶର ପ୍ରଥମ ସ୍ୱାଧୀନତା ସଂଗ୍ରାମ ଭାବେ ମାନ୍ୟତା ଦେବା ଦାବିରେ ବିଧାନ ସଭାରେ ବାଘଗର୍ଜନ କରୁଥିବା ବେଳେ ଲୋକସଭା ଓ ରାଜ୍ୟସଭାରେ ଏମାନେ ବିଲେଇ ଭଳି ବ୍ୟବହାର ପ୍ରଦର୍ଶନ କରୁଛନ୍ତି।

ଅତୀତର ବହୁ ଚର୍ଚ୍ଚିତ ଶ୍ରମିକ ନେତା ଶ୍ୟାମାପଦ ରାଉତ ହତ୍ୟାକାଣ୍ଡରେ ପୋଲିସର ତଦନ୍ତର ଭୂମିକା, ତଥ୍ୟ ପ୍ରମାଣର ଅଭାବ ଯୋଗୁଁ ସେ ଘଟଣାରେ ଜଡ଼ିତ ଅଭିଯୁକ୍ତମାନେ ଯେଭଳି ଖସିଗଲେ, ଏହି ଘଟଣାରେ ମଧ୍ୟ ସେମିତି ଆଶଙ୍କାକୁ କେବେବି ଅସ୍ୱୀକାର କରି ହେବ ନାହିଁ। ମମିତା ହତ୍ୟା ଘଟଣାରେ ଅଭିଯୁକ୍ତ ଗୋବିନ୍ଦକୁ ପଚରାଉଚୁରା କରି ଅପରାଧର ସୁରାକ ପାଇଥିଲେ ଓ ପରବର୍ତ୍ତୀ ମୁହୂର୍ତ୍ତରେ ସେ ଫେରାର ହୋଇଥିଲା। ଅଭିଯୁକ୍ତ ବାଟ କଢ଼େଇବାର ପ୍ରକ୍ରିୟାକୁ ଜାଣିଶୁଣି ଅଣଦେଖା କରାଯାଇ ଗାତ ଖୋଳିକି କିଛି ଦେହାବଶେଷ ଉଦ୍ଧାର କରିଥିଲା। ଆଉ ସେ ଗାତ ଭିତରୁ ଉଧାର କରିଥିବା କାନଫୁଲ, ପାଉଁଜି ଓ ଭେନିଟ ବ୍ୟାଗର ଟିଆଇ ପ୍ୟାରେଡ କରାଯାଇ ନଥିବା ସତ୍ୟକି? ସେସବୁ ମ୍ୟାଟେରିଆଲ ଚିହ୍ନଟ କରାଯାଇ କେସର ଶୁଣାଣି ବେଳେ କୋର୍ଟରେ ମଧ୍ୟ ଦାଖଲ ହେବାର ବିଧି ରହିଛି କି? ଯଦି ଏ ସବୁ ମ୍ୟାଟେରିଆଲ ପରିବାର ବର୍ଗଙ୍କୁ ଫେରେଇ ଦେଇଛି, ତାହାହେଲେ କେଉଁ ଆଇନରେ?

ମମିତାର ପିତା ନିର୍ଦ୍ଦିଷ୍ଟ ଭାବେ ମହାଲିଙ୍ଗ କଲେଜର ସେକ୍ସ ସ୍କାଣ୍ଡାଲ ଓ ଏଥିରେ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସଂପୃକ୍ତି ଏବଂ ଏ ଘଟଣାରେ ତାଙ୍କ ଝିଅ ପ୍ରତିବାଦ କରିଥିବାରୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଥିଲେ ମଧ୍ୟ ପୋଲିସ୍ ସେକ୍ସ ସ୍କାଣ୍ଡାଲ ଉପରେ କାହିଁକି ତଦନ୍ତ କରୁନାହିଁ। ଏଣୁ ପୋଲିସର ତଦନ୍ତ ନିରପେକ୍ଷ ନୁହେଁ। ତେଣୁ କଂଗ୍ରେସ ଦଳ ତରଫରୁ ହାଇକୋର୍ଟ ତତ୍ତ୍ୱାବଧାନରେ ଏସଆଇଟି ତଦନ୍ତ କରାଯାଇ ହତ୍ୟାକାଣ୍ଡର ଅଭିଯୁକ୍ତ, ଷଡ଼ ଯନ୍ତ୍ରକରୀ, ମୁଖ୍ୟ ପୃଷ୍ଠପୋଷକ ଓ ସେକ୍ସ ସ୍କାଣ୍ଡାଲର ରାଣୀମହୁମାଛିଙ୍କୁ ଖୋଜି ବାହାର କରିବା ପାଇଁ ଦଳ ତରଫରୁ ଦୃଢ଼ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ମୁଖପାତ୍ର ମନୋରଂଜନ ଦାଶ ଓ ଅମିୟ ପାଣ୍ଡବ ଉପସ୍ଥିତ ଥିଲେ।

# କୋଣାର୍କ ସାହିତ୍ୟ ଆସର ଆସନ୍ତା ୧୭ରେ

କୋଣାର୍କ (ପିଏନ୍): କୋଣାର୍କ ଉତ୍ସବ-୨୦୨୧ ଅବସରରେ ଡିସେମ୍ବର ୫ତାରିଖରେ ଆୟୋଜିତ ହେବାକୁ ଥିବା 'କୋଣାର୍କ ସାହିତ୍ୟ ଆସର' ଓ ଚିତ୍ରକଳା ପ୍ରଦର୍ଶନୀ ବାତ୍ୟା ଜୱାଦ ଯୋଗୁଁ ସ୍ଥଗିତ ରହିଥିଲା। ଆସନ୍ତା ୧୭ତାରିଖ ଶୁକ୍ରବାର ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା୩୦ ପର୍ଯ୍ୟନ୍ତ ପର୍ଯ୍ୟଟନ ବିଭାଗର ମୁକ୍ତାକାଶ ରଙ୍ଗମଂଚ ପରିସରରେ ଏହି ସାରସ୍ୱତ ଉତ୍ସବ ଆୟୋଜିତ ହେବ। କୋଣାର୍କ ସାହିତ୍ୟ ସଂସଦ ଓ ରାଜ୍ୟ ପର୍ଯ୍ୟଟନ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ସାରସ୍ୱତ ଉତ୍ସବରେ ୯ଜଣ ସାରସ୍ୱତ ପ୍ରତିଭାଙ୍କୁ ସମ୍ମାନୀତ କରାଯିବ। ଏହି ଉତ୍ସବର ଉଦ୍‌ଘାଟନୀ ଅଧିବେଶନରେ ଅତିଥିରୂପେ ପ୍ରଖ୍ୟାତ ଭାସ୍କର୍ଯ୍ୟ ଶିଳ୍ପୀ ପଦ୍ମବିଭୂଷଣ ସୁଦର୍ଶନ ସାହୁ, ଡ. ରାଜେନ୍ଦ୍ର ପ୍ରସାଦ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମିଶ୍ର, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ତଥା କବି ରଂଜନ କୁମାର ଦାସ, କବୀ ତଥା ଗବେଷିକା ଡ. ଜୟନ୍ତୀ ରଥ, ପର୍ଯ୍ୟଟନ ବିଭାଗର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ବିରଂଚି ମିଶ୍ର ଓ ଗାଳ୍ପିକ ହରେକୃଷ୍ଣ ସାହୁ ଏବଂ ଦ୍ୱିତୀୟ ଅଧିବେଶନରେ କବି ତଥା ଗବେଷକ ଡକ୍ଟର ଅବଦୁଲ ଓସିଦ ଖାଁ, ଓଡିଶା ରାଜ୍ୟ ରାଜଭାଷା ବିକାଶ ପରିଷଦର ଅଧ୍ୟକ୍ଷ କବି ନାରାୟଣ ମୁଦୁଲି, ଶ୍ରୀପର୍ଣ୍ଣାର ସଂପାଦକ କବି ଉମାକାନ୍ତ ମହାପାତ୍ର, ଶିକ୍ଷାବିତ୍ ସ୍ୱପ୍ନେଶ୍ୱର ସାହୁ, କଥାଶିଳ୍ପୀ ଶୁଭ୍ରାଂଶୁ ପଣ୍ଡା, ପ୍ରାଚୀ ସାହିତ୍ୟ ସଂସଦର ସଭାପତି ଗୋପିନାଥ କର, କବି ଡ. ସଂତୋଷ କୁମାର ମିତ୍ର, ଶିକ୍ଷାବିତ୍ ମନମୋହନ ସ୍ୱାଇଁ ଓ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ପ୍ରମୁଖ ଯୋଗଦେବେ। ପର୍ଯ୍ୟଟନ ବିଭାଗର କୋଣାର୍କ ମୁକ୍ତକାଶ ରଂଗମଂଚ ପରିସରରେ ପୂର୍ବାହ୍ନ ୯ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଏହି ସାହିତ୍ୟ ଉତ୍ସବ ଅନୁଷ୍ଠିତ ହେବ। ଏଥିରେ ଓଡିଶାର ବିଭିନ୍ନ ପ୍ରାନ୍ତରୁ ଶତାଧିକ କବି, ଲେଖକ ଓ ସାହିତ୍ୟପ୍ରେମୀ ଯୋଗଦେଇ ଆଲୋଚନା, ଅଣୁ ଗଳ୍ପ ଓ କବିତାପାଠ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ। ଏଥର ଆଲୋଚନାର ଶୀର୍ଷକ ରଖାଯାଇଛି 'ସମକାଳୀନ ଓଡିଆ ସାହିତ୍ୟର ଭାଷା'। ସାହିତ୍ୟ ଉତ୍ସବ ପରିବେଶରେ ବର୍ଣ୍ଣାଳୀ ଶତପଥୀ ଚିତ୍ରକଳା ପ୍ରଦର୍ଶନ କରିବେ। ଏହି ପରିବର୍ତ୍ତିତ କାର୍ଯ୍ୟସାରଣୀ ସଂପର୍କରେ କୋଣାର୍କ ସାହିତ୍ୟ ସଂସଦର ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଓ ସଂପାଦକ ରବୀନ୍ଦ୍ରନାଥ ବାହିନୀପତି ସୂଚନା ଦେଇଛନ୍ତି।

# ପଚାପାଣିର କେନାଲ ଭୁବନେଶ୍ୱରକୁ ଘେରିଛି

ଭୁବନେଶ୍ୱର (ପିଏନ୍)- 'ନବୀନମାର୍କା' ବିକାଶର ଚିତ୍ର ବର୍ଷାଦିନର ଭୁବନେଶ୍ୱରରେ ଭୁବନେଶ୍ୱରବାସୀ ଉପଲବ୍ଧ କରିଛନ୍ତି ବୋଲି ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ତଥା ଭୁବନେଶ୍ୱରର ମୂଳ ବାସିନ୍ଦା ଶ୍ରୀ ୟାସିର ନୱାଜ ଅଭିଯୋଗ କରିଛନ୍ତି। ଶ୍ରୀ ନୱାଜ କହିଛନ୍ତି ଯେ ବାରଙ୍ଗରୁ ବାହାରିଥିବା କେନାଲ ରସୁଲଗଡ଼, ବରଗଡ଼ ଦେଇ କପିଳ ପ୍ରସାଦ ପରେ ଜଟଣୀରେ ମିଶିଛି। ସେହି କେନାଲର ଅବସ୍ଥା ଭୋଟପଡ଼ା ଠାରୁ ଅତି ଶୋଚନୀୟ ହୋଇପଡ଼ିଛି। କ୍ଷେତକୁ ପାଣି ମଡ଼ାଇବା ପାଇଁ ଏହି କେନାଲ ଉଦ୍ଦିଷ୍ଟ ନୁହେଁ ବୋଲି ଜଣାପଡୁଛି। କାରଣ ଅଧା ସହରର ପଚାପାଣିରେ କେନାଲର ପାଣି ଗନ୍ଧ ଛାଡୁଛି। ଏପରିକି ପଳାସୁଣି, ରସୁଲଗଡ଼, ଝାରପଡ଼ା ଦେଇ ସେହି କେନାଲ ଗତି କରିଛି। କିଂ ସେହି କେନାଲ ଏବେ ଡଷ୍ଟବିନ୍‌ରେ ପରିଣତ ହୋଇଛି। କେନାଲର ପୁନରୁଦ୍ଧାର କରାଯାଉନାହିଁ। କେନାଲ ପୋତିହୋଇ ଗଲାଣି। ଜବରଦଖଲ ମଧ୍ୟ ହୋଇଗଲାଣି। ଭୁବନେଶ୍ୱର ସହରର ବିକଳଚିତ୍ରର ଏହି କେନାଲ ହିଁ ଜ୍ୱଳନ୍ତ ଉଦାହରଣ। ଯେକୌଣସି ଲୋକ ସେହି କେନାଲ କଡ଼େ କଡ଼େ ଗଲେ ବାଁ କରିପକାଇବ। କେନାଲକୁ ପରିଷ୍କାର ରଖାଯାଉ ନାହିଁ। ଏହି କେନାଲରୁ ଅସଂଖ୍ୟ ମଶା ସୃଷ୍ଟି ହେଉଥିବାରୁ ଉପରୋକ୍ତ ଅଂଚଳରେ ମ୍ୟାଲେରିଆ ଓ ଡେଙ୍ଗୁ ଦେଖାଦେଇଛି। କେନାଲରେ ଏବେ ଯେଉଁ ଜଳ ଅଛି ତାହା ମଣିଷ କିମ୍ବା ଜୀବଜଂଙ୍କର ବ୍ୟବହାରଯୋଗୀ ହୋଇନାହିଁ। ଏହା ବିଷାକ୍ତ ହୋଇଯାଇଛି। ଜଳସେଚନ ବିଭାଗ ବିଭାଗ, ସ୍ଥାନୀୟ ବିଧାୟକ, ସାଂସଦ ଏ ଦିଗରେ ଆଖିବୁଜି ଦେଇଛଁ। ସରକାର ତୁରଂ ଏ କେନାଲକୁ ସଫାକରି ସ୍ଥାନୀୟ ବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଅବସ୍ଥାକୁ ବିଚାରକୁ ନେଇ ଏହାକୁ ପ୍ରଦୁଷଣ ମୁକ୍ତ କରଂ ବୋଲି ଶ୍ରୀ ନୱାଜ କହିଛଁ। ଅନକେ ସମୟରେ ଏହି କେନାଲକୁ ସଫା କରିବାପାଇଁ ଯେଉଁ କାମ ହୋଇଥିଲା ତାହା ଉପର ଠାଉରିଆ। କାମରେ ବ୍ୟାପକ ଠକାମୀ ହୋଇଛି ବୋଲି ଅଭିଯୋଗ ହୋଇଛି। ଯଦି ସରକାର ତୁରଂ ଏ ଦିଗରେ କାର୍ଯ୍ୟକ୍ଷମ ଗ୍ରହଣ ନକରଁ ତେବେ ଛାତ୍ର କଂଗ୍ରେସ ପକ୍ଷରୁ ଆନ୍ଦୋଳନ ହେବ ବୋଲି ଶ୍ରୀ ନୱାଜ ସତର୍କ କରାଇଛଁ। ଗତ ବର୍ଷାରେ ଭୁବନେଶ୍ୱରର ମୁକୁଳା ଡ୍ରେନ, ଡ୍ରେନରେ ପଡ଼ି ମୃତ୍ୟୁ, ମୁଖ୍ୟ ରାସ୍ତାରେ ବନ୍ୟା ପରିସ୍ଥିତିକୁ ନେଇ ୨୧ବର୍ଷର ନବୀନ ଶାସନରେ ଭୁବନେଶ୍ୱରର ବିକାଶ ଭୁବନେଶ୍ୱରବାସୀ ଦେଖିଛଁ ବୋଲି ଶ୍ରୀ ନୱାଜ କହିଛନ୍ତି।

# ଯୋଡା ପ୍ରେସକ୍ଲବ ପକ୍ଷରୁ ସାମ୍ବାଦିକଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ



ଯୋଡା (ପିଏନ୍)-କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ଏବଂ ପୌରପାଳିକାରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ନେଇ ପ୍ରେସକ୍ଲବର ସଭାପତି ପ୍ରମୋଦ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଯୋଡା ସ୍ଥିତ ହୋଟେଲ ଲାଓ ପ୍ୟାଲେସରେ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅବସରରେ ପ୍ରେସ କ୍ଲବ ତରଫରୁ ଏକ ସଭାର ଆୟୋଜନ କରାଯାଇ ଖଣିଅଂଚଳରେ କର୍ମ ନିଯୁକ୍ତି ଉପରେ ତଥା ଖଣି ଅଂଚଳ ରେ ଥିବା ସମସ୍ୟା ବିଷୟରେ ଆଲୋଚନା ହୋଇଥିଲା। ଏଥିସହ ଯୋଡା ପ୍ରେସ କ୍ଲବକୁ କିଛି ଲୋକ ବଳପୂର୍ବକ ଅଧିକୃତ କରିବାର ପ୍ରୟାସ କରିବା ନେଇ ଆଲୋଚନା କରାଯାଇଥିଲା। କିଭଳି ଏକ ପଞ୍ଜିକୃତ ସଂସ୍ଥାକୁ ଅଗଣତାନ୍ତ୍ରୀକ ଭାବେ ଦଖଲ କରି ସଂସ୍ଥାର ଗାରିମା ନଷ୍ଟ କରାଯାଉଛି ଏବଂ ଏଥିପ୍ରତି କଣ ପଦକ୍ଷେପ ନିଆଯାଇ ପାରିବ ସେଥିପାଇଁ ସଭାପତି ସମସ୍ତଙ୍କର ପରାମର୍ଶ ଲୋଡିଥିଲେ। ଏହି କାର୍ଯ୍ୟକ୍ରମକୁ ଯୋଡା ପ୍ରେସ କ୍ଲବର ସଂପାଦକ ଉଗ୍ରସେନ ମହାନ୍ତ ପରିଚାଳନା କରୁଥିବା ବେଳେ ଏଥିରେ ଯୋଡା ବ୍ଲକର ୩୦ରୁ ଅଧିକ ସାମ୍ବାଦିକ ଏବଂ ସମାଜସେବି ଯୋଗ ଦେଇଥିଲେ। ଏହି ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଡା ବ୍ଲକର କାର୍ଯ୍ୟରତ ସାମ୍ବାଦିକ ରତ୍ନାକର ମହାପାତ୍ର, ଗଣେଷ ଚନ୍ଦ୍ର ସାହୁ, ସୌମ୍ୟ ରଞ୍ଜନ ବାରିକ, ମନୋରଂଜନ ଲେଙ୍କା, ସୁନିଲ ସାମଲ, ସୁବାଷ ବିହାରୀ, ସୁଶାନ୍ତ କୁମାର କର, ସୁଷମା କାରୁଆ, ଅଜୟ ଜୋରା, ଆନନ୍ଦ ବାରିକ, ସୁଖଲାଲ ହୁନହାଗା, ସରୋଜ ପାତ୍ର, ସୁସ୍ମିତା କୁଲୁ, ପ୍ରୟଙ୍କା ଗୋପ, ସୀତାରାମ ଦିକ୍ଷୀତ, ରାଜେନ୍ଦ୍ର ନନ୍ଦ, ସଂଜୟ ସିହ୍ନା, ରଶ୍ମୀ ସିନ୍ଧୁ, ଟଙ୍କଧର ପାତ୍ର, ରବିନ୍ଦ୍ର କୁମାର, ପ୍ରଣଜା କୁମାର ବଡପଣ୍ଡା, ରବୀନ୍ଦ୍ର କୁମାରନାଥ, ଦେବକା' ପାତ୍ର, ଦିଲ୍ଲୁ ସ୍ୱାମୀ, କୃଷ୍ଣଚନ୍ଦ୍ର ପାତ୍ର ଏବଂ ଟିନୁ ପାତ୍ର ପ୍ରମୁଖ ଉପସ୍ଥିତ ରହି ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ସଂଘ ପରିବାର ଭୁବନେଶ୍ୱର ମହାନଗର ତରଫରୁ ଶ୍ରଦ୍ଧାଞ୍ଜଳି ସଭା



ଭୁବନେଶ୍ୱର (ପିଏନ୍) : ତାମିଲନାଡୁରେ କୁନ୍ନୁର ପାଖରେ ଡିସେମ୍ବର ୮ ତାରିଖ ଦିନ ଏକ ହେଲିକାପ୍ଟର ଦୁର୍ଘଟଣାରେ ଦେଶର ପ୍ରଥମ ସିଡିଏସ୍ ଜେନେରାଲ ବିପିନ ରାଓ୍ୱତ, ତାଙ୍କ ପତ୍ନୀ ମଧୁଲିକା ରାଓ୍ୱତ ଓ ୧୧ ସୈନ୍ୟଙ୍କୁ ମିଶାଇ ମୋଟ ୧୩ ଜଣଙ୍କର ଦୁଃଖଦ ବିୟୋଗ ହୋଇଛି। ସେହି ସହୀଦମାନଙ୍କ ଉଦ୍ଦେଶ୍ୟରେ ଡିସେମ୍ବର ୧୦ ତାରିଖ ସଂଧ୍ୟାରେ ସଂଘ ପରିବାର, ଭୁବନେଶ୍ୱର ମହାନଗର ତରଫରୁ ଏକ ଶ୍ରଦ୍ଧାଂଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ମାଷ୍ଟ୍ରକ୍ୟାଂଟିନଠାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଂଜଳି ସଭାରେ ଶ୍ରଦ୍ଧା ସୁମନ ଅର୍ପଣ କରିବା ସହିତ ବୀର ଜବାନମାନଙ୍କର ଜୟଗାନ କରାଯାଇଥିଲା। ଜେନେରାଲ ରାଓ୍ୱତ ଜଣେ ଶ୍ରେଷ୍ଠ ସେନାନାୟକ ଥିଲେ ଓ ତାଙ୍କର ବିୟୋଗରେ ଦେଶର ଅଶେଷ କ୍ଷତି ଘଟିଛି। ଯୋଗଜନ୍ମା ପୁରୁଷମାନେ ନିର୍ଦ୍ଦିଷ୍ଟ କାର୍ଯ୍ୟ ସମ୍ପାଦନ ସକାଶ ଆସିଥାନ୍ତି। ସେମାନଙ୍କ ଜନ୍ମ, ଜୀବନଧାରା ଓ କାର୍ଯ୍ୟପାଇଁ ପରିବେଶ ଅନୁକୂଳ କରି ପଠାଇଥାନ୍ତି ଭଗବାନ। ଜେନେରାଲ ବିପିନ ରାଓ୍ୱତ୍ ଥିଲେ ସେମିତି ଯୋଗଜନ୍ମା ପୁରଷ। ଯୋଦ୍ଧା ଭାବରେ କାର୍ଯ୍ୟ ସମ୍ପାଦନା କରିବାକୁ ତାଙ୍କୁ ଧରାଧାମକୁ ପଠାଇଥିଲେ ଭଗବାନ। ତେଣୁ ଜଣେ ବିଶିଷ୍ଟ ସାମରିକ ଯୋଦ୍ଧାଙ୍କ ପରିବାରରେ ତାଙ୍କ ଜନ୍ମ ବିଧି ନିର୍ଦ୍ଦିଷ୍ଟ ଥିଲା। ମାଟି ମାଆ ପାଇଁ ବା ଦେଶମାତୃକା ସେବା କରିବାର ସୁଯୋଗ ତାଙ୍କୁ ମିଳିଥିଲା। ସଚ୍ଚୋଟ, ସତ୍ୟନିଷ୍ଠ ଓ ସମର୍ପିତ ଏହି ତିନି ଶବ୍ଦର ଜେନେରାଲ ରାଓ୍ୱତ ଥିଲେ ମୂର୍ତ୍ତିମନ୍ତ ପ୍ରତୀକ। ଏହି ଶ୍ରଦ୍ଧାଂଜଳି ସଭାରେ ଦିବଙ୍ଗତ ଜବାନମାନଙ୍କର ଅମର ଆତ୍ମାର ସଦଗତି କାମନା କରିବା ସହ ସେମାନଙ୍କ ପରିବାର ପ୍ରତି ସମବେଦନା ଜ୍ଞାପନ କରା ଯିବା ସହ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସହୀଦମାନଙ୍କ ଫଟୋ ଚିତ୍ର ନିକଟରେ ସମସ୍ତେ ଦୀପଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସୁବେଦାର ମେଜର ପ୍ରଶାନ୍ତ କୁମାର ମହାପାତ୍ର, ରୁଦ୍ର କୁମାର ମହାପାତ୍ର, ଗୋଦାବରୀଶ ମହାପାତ୍ର, ଶଙ୍କର କେଶରୀ ସିଂହ, ସୁବ୍ରତ କୁମାର ତ୍ରିପାଠୀ, ଯାଜ୍ଞବଲ୍କ ମହାନ୍ତି, ସୁମନ୍ତ ଘଡେଇ, ଜ୍ୟୋତିର୍ମୟୀ ସାହୁ, ଜୟକୃଷ୍ଣ ପୃଷ୍ଟି ପ୍ରମୁଖ ଉପସ୍ଥିତ ରହି ସ୍ମୃତିଚାରଣ କରିଥିଲେ।

# ବିପିନବିହାରି ସ୍ୱାଇଁଙ୍କୁ ଦିବାକର ପରିଡ଼ା ସ୍ମୃତି ସମ୍ମାନ-୨୦୨୧ ପ୍ରଦାନ

ଚଣ୍ଡିଖୋଲ (ପି.ଏନ୍)-ରଣପୁର ପ୍ରଜା ଆନ୍ଦୋଳନର ନେତୃତ୍ୱ ନେଇ ବ୍ରିଟିଶ ଗୁଳିରେ ସହିଦ ହୋଇଥିଲା ସ୍ୱାଧିନତା ସଂଗ୍ରାମୀ ଦିବାକର ପରିଡ଼ାଙ୍କ ୧୧୧ତମ ଜୟନ୍ତୀ ଅବସରରେ ୟୁନିଟ୍ ୯ ସ୍ଥିତ ଓଡ଼ିଆ ଭାଷା, ସାହିତ୍ୟ ସଂସ୍କୃତି ବିଭାଗ ଏବଂ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମିଳିତ ଆନୁକୂଲ୍ୟରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଚଣ୍ଡିଖୋଲସ୍ଥିତ ବିଣାପାଣୀ କଳାପୀଠର ଅଧ୍ୟକ୍ଷ ତଥା ଗୀତିକାର ଓ ସଂଗୀତ ନିର୍ଦ୍ଦେଶକ ବିପିନବିହାରୀ ସ୍ୱାଇଁଙ୍କୁ ଦିବାକର ପରିଡ଼ା ସ୍ମୃତି ସମ୍ମାନ-୨୦୨୧ ପ୍ରଦାନ କରାଯାଇଛି। ବରିଷ୍ଠ ସାମ୍ବାଦିକ ତଥା ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଶତାୟୁ ସ୍ୱାଧୀନତା ସଂଗ୍ରାମୀ ହଟନାଥ ମଙ୍ଗରାଜ ବରେଣ୍ୟ ଅତିଥି ଭାବେ ଧର୍ମଗଡ଼ ବିଧାୟକ ମହୋଷଧି ବାଗ୍ ରାଜ୍ୟ ସରକାରଙ୍କ ଅତିରିକ୍ତ ଶାସନ ସଚିବ ମନୋସ୍ମିନୀ ସାହୁ, ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ପ୍ରମୁଖ ଯୋଗଦେଇ ଭାରତ ସ୍ୱାଧିନତା ପାଇଁ ବଳିଦାନ ଦେଇଥିବା ମହାପୁରୁଷ ମାନଙ୍କର ଜୀବନୀ ଦର୍ଶନ ପ୍ରତି ଆଜିର ଯୁବପିଢ଼ୀମାନେ ଅନୁପ୍ରାଣିତ ହେବାକୁ କହିଥିଲେ। ଏଥିରେ ସଂଗୀତ, ନୃତ୍ୟ ଓ କଳା ସଂସ୍କୃତି, ଐତିହ୍ୟ, ପରମ୍ପରାକୁ ଉଦଜୀବିତ କରିବା ପାଇଁ ଜୀବନବ୍ୟାପୀ ସାଧନା ପାଇଁ ବିଣାପାଣୀ କଳାପୀଠର ଅଧ୍ୟକ୍ଷ ବିପିନ ବିହାରୀ ସ୍ୱାଇଁଙ୍କୁ ଚଳିତ ବର୍ଷ ଦିବାକର ପରିଡ଼ା ସ୍ମୃତି ସମ୍ମାନ ପ୍ରଦାନ କରିବା ସହ ମାନପତ୍ର, ଉପଢ୍ୌକନ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଟିପିସିଓଡିଏଲ ପକ୍ଷରୁ ବିଦ୍ୟୁତ୍ ଚୋରି ଧଡପଗଡ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଟିପିସିଓଡିଏଲ ପ୍ରବର୍ତ୍ତନ ବିଭାଗ ପକ୍ଷରୁ କେନ୍ଦ୍ରାପଡା ସହର ଏବଂ ଆଖପାଖ ଅଞ୍ଚଳରେ ବିଦ୍ୟୁତ ଚୋରି ଧଡପଗଡ କରାଯାଇଛି। ଏଥିରେ କେନ୍ଦ୍ରାପଡା ଡିଭିଜନର ୨୯ଟି ସ୍କ୍ୱାର୍ଡ ଅଂଶଗ୍ରହଣ କରିଥିଲେ। ଏହି ଧରପଗଡରେ ୫୪୫ଟି ଗୃହ ଏବଂ ଅନୁଷ୍ଠାନ ଉପରେ ଅଚାନକ ଚଢାଉ କରାଯାଇ ୧୨୬ ଓ ୧୩୫ ଧାରାରେ ୧୧୩ଟି ମାମଲା ରୁଜୁ କରାଯାଇଛି। ସେଥିମଧ୍ୟରୁ ୧୧୩ଟି ଘରେ ୩୦୫ କିଲୋ ୱାଟ୍ ବିଦ୍ୟୁତ ଚୋରି ଧରାଯାଇଥିବା ବେଳେ ବେଆଇନ ଭାବେ ବ୍ୟବହୃତ ହେଉଥିବା ୧୦ଟି ବିଦ୍ୟୁତ ସଂଯୋଗକୁ ତତ୍‌କ୍ଷଣାତ୍ ବିଚ୍ଛିନ୍ନ କରାଯାଇଛି। ଏହି ଧରପଗଡ କେନ୍ଦ୍ରାପଡା ଟିପିସିଓଡିଏଲ ଡିଭିଜନର ସହକାରୀ ସାଧାରଣ ପରିଚାଳକ ପ୍ରଦିପ୍ତ କୁମାର ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଏହି ମିଶନ ମାଧ୍ୟମରେ ଟିପିସିଓଡିଏଲର ସମସ୍ତ ଗ୍ରାହକମାନଙ୍କୁ ସାଧୁତାର ସହ ବିଦ୍ୟୁତ ବ୍ୟବହାର କରିବାକୁ କେନ୍ଦ୍ରାପଡା ଡିଭିଜନ ପକ୍ଷରୁ ନିବେଦନ କରାଯାଇଛି।

# ଅଦିନିଆ ବର୍ଷା ଦ୍ୱାରା ଫସଲ କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ କିଷାନ କଂଗ୍ରେସର ଦାବୀ

ଭୁବନେଶ୍ୱର (ପିଏନ୍)- ରବି ଚାଷ ସମୟରେ ଖରିଫ୍ ଧାନ ସଂଗ୍ରହ ବେଳେ ବିଭିନ୍ନ ଜିଲ୍ଲାରେ ଅଦିନିଆ ଲଗାଣ ବର୍ଷା ଓ ଚକଡ଼ା ପୋକ ଦ୍ୱାରା ବ୍ୟାପକ ଫସଲ ହାନି ଘଟିଛି। ସେହିପରି ଖରିଫ୍ ଋତୁରେ ୩୫ ଲକ୍ଷ ହେକ୍ଟର ଜମିରେ ଧାନଚାଷ କରାଯାଇଥିବାବେଳେ ପ୍ରଥମେ ଅଭାବୀ ବର୍ଷା ଓ ପରବର୍ତ୍ତୀ ସମୟରେ ଅଧିକ ବର୍ଷା ଯୋଗୁଁ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିଲା। ଫଳରେ ଧାନ ସହିତ ବହୁଳ ଭାବରେ ପନିପରିବା ଚାଷ ଉଜୁଡ଼ି ଯାଇଛି। ଏଥିରେ ଚାଷୀ ଗୁରୁତର କ୍ଷତି ସହିଛନ୍ତି। ଅଦ୍ୟାବଧି ସରକାରଙ୍କ ପକ୍ଷରୁ ଫସଲ କ୍ଷୟକ୍ଷତିର ସଠିକ୍ ଆକଳନ କରା ନ ଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ। ସରକାର କେବଳ ଚାଷ ଓ ଚାଷୀର ବିକାଶ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିବାର ପ୍ରମାଣିତ ହେଉଛି। ଏଭଳି ସଙ୍ଗୀନ ପରିସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀମାନଙ୍କୁ ସରକାର ବାସ୍ତବ କ୍ଷେତ୍ରରେ ସହାୟତା ଯୋଗାଇ ଦେବା ଅତ୍ୟନ୍ତ ଜରୁରୀ ବୋଲି ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକ କହିଛନ୍ତି। ଚକଡ଼ା ପୋକଦ୍ୱାରା ଫସଲ ହାନୀ ଯୋଗୁଁ ଚାଷୀ ଆତ୍ମହତ୍ୟା କରିଥିବା ବେଳେ ସରକାର ଏହାର ପ୍ରତିକାର କରିବା ପରିବର୍ତ୍ତେ ନିଧଡ଼କ ହୋଇ ବସିଛନ୍ତି। ଅନୁରୂପ ଭାବେ ଚଳିତ ରବି ଚାଷ ପାଇଁ କୃଷି, ଉଦ୍ୟାନ, ଜଳସେଚନ ଓ ସମବାୟ ବିଭାଗ ପକ୍ଷରୁ ସେଭଳି ଆନ୍ତରିକତା ଦେଖାଯାଉନାହିଁ। ଚାଷୀ ଋଣ ଭାରରେ ଛନ୍ଦି ହୋଇ ପଡ଼ିଛି। ଏପରିସ୍ଥଳେ ସମସ୍ତ ଚାଷୀଙ୍କଠାରୁ ଋଣ ଛାଡ଼ କରିବା ଜରୁରୀ। ତେଣୁ ଶ୍ରୀ ପଟ୍ଟନାୟକ ସରକାରଙ୍କ ତରଫରୁ ତୁରନ୍ତ ଫସଲ କ୍ଷୟକ୍ଷତିର ସଠିକ୍ ଆକଳନ, ଚାଷୀଙ୍କୁ ଏକର ପିଛା ୨୦ ହଜାର ଟଙ୍କା କ୍ଷତିପୂରଣ, ଗତ ଖରିଫ୍ କୃଷି ଋଣ ଛାଡ଼, ବିନା ସୁଧରେ ରବି ଚାଷ ପାଇଁ କୃଷିଋଣ, ମାଗଣାରେ ଧାନ, ତୈଳବୀଜ ବିହନ ଓ ପନିପରିବା ମଞ୍ଜି, ସାର, କୀଟନାଶକ ଔଷଧ ଚାଷୀମାନଙ୍କୁ ଯୋଗାଇ ଦେବା ସହ ମନରେଗାରେ କୃଷି କାର୍ଯ୍ୟକୁ ତ୍ୱରାନ୍ୱିତ, ଚାଷ କାର୍ଯ୍ୟପାଇଁ ବିଦ୍ୟୁତ ଶୁଳ୍କ ଛାଡ଼ ଓ ରବି ଚାଷ ପାଇଁ ବିଭିନ୍ନ ଜଳସେଚନ କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିବାକୁ କଂଗ୍ରେସ ଦଳ ପକ୍ଷରୁ ରାଜ୍ୟ ସରକାରଙ୍କଠାରେ ଦୃଢ଼ ଦାବୀ କରିଛନ୍ତି। ଯଦି ସରକାରଙ୍କ ପକ୍ଷରୁ ଏ ଦିଗରେ ଆଶୁ ପଦକ୍ଷେପ ଗ୍ରହଣ କରା ନ ଯାଏ ନିକଟରେ ଅନୁଷ୍ଠିତ ପିସିସି କିଷାନ କଂଗ୍ରେସ ରାଜ୍ୟ କାର୍ଯ୍ୟକାରିଣୀ ବୈଠକର ନିଷ୍ପତ୍ତି କ୍ରମେ ସରକାରଙ୍କ ବିରୁଦ୍ଧରେ ବ୍ଲକ ଓ ଜିଲ୍ଲାସ୍ତରରେ ଚାଷୀ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲ ସେ ସୂଚନା ପ୍ରଦାନ କରିଛନ୍ତି।

# ମିଶନ ଶକ୍ତି ଗୃହ ପାଇଁ ସଂରକ୍ଷିତ ଜମିକୁ ଜବରଦଖଲ ମୁକ୍ତ ପାଇଁ ଜିଲ୍ଲାପାଳଙ୍କୁ ଦାବି

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ତହସିଲ ଅନ୍ତର୍ଗତ ବଗଡା ମୌଜାର ଖାତା ନଂ ୧୪୪୮ ପ୍ଲଟ ନମ୍ବର ୨୯୭୪ ଜମିଟି ମିଶନ ଶକ୍ତି ଗୃହପାଇଁ ସଂରକ୍ଷିତ ଥିବାବେଳେ ସଂପୃକ୍ତ ଜମିକୁ ସେହି ଗ୍ରାମର ପ୍ରମୋଦ କୁମାର ସାହୁ ନାମକ ଜନୈକ ବ୍ୟକ୍ତି ଅବରୋଧ କରି ରଖିଥିବାରୁ ସରକାରୀ ଅନୁଦାନ ମଞ୍ଜୁର ପରେ ବି ମିଶନ ଶକ୍ତି ଗୃହ ନିର୍ମାଣ ହୋଇପାରୁ ନ ଥିବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବଗଡା ପଞ୍ଚାୟତର ବିଭିନ୍ନ ମହିଳା ସ୍ୱୟଂସହାୟିକା ଗୋଷ୍ଠୀଗୁଡିକ ପକ୍ଷରୁ କେନ୍ଦ୍ରାପଡା ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଅଭିଯୋଗ ହେବାପରେ ସେ ଗତ ତା୧୭.୦୮.୨୦୨୧ରିଖ ଏବଂ ଗତ ତା୨୧.୦୯.୨୦୨୧ରିଖରେ କେନ୍ଦ୍ରାପଡା ତହସିଲଦାରଙ୍କୁ ୨ଟି ପତ୍ର ଲେଖି ସମ୍ପୃକ୍ତ ସଂରକ୍ଷିତ ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ଏବଂ ସମ୍ପୃକ୍ତ ଜମିର ଚତୁର୍ପାର୍ଶ୍ୱ ସୀମା ନିର୍ଦ୍ଧାରଣ କରିବା ପାଇଁ ଜଣାଇଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶ କ୍ରମେ ବଗଡା ସର୍କଲର ରାଜସ୍ୱ ନିରୀକ୍ଷକ ଘଟଣାସ୍ଥଳ ପରିଦର୍ଶନ କରିବା ସହିତ ସମ୍ପୃକ୍ତ ଜମିକୁ ପ୍ରମୋଦ କୁମାର ସାହୁ ନାମକ ବ୍ୟକ୍ତି ଅବରୋଧ କରି ତା' ଉପରେ ଏକ କାନ୍ଥ ନଥିବା ଘଷିଘର କରିଥିବା ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିଛନ୍ତି। କିନ୍ତୁ ଅଦ୍ୟାବଧି ସେହି ସଂରକ୍ଷିତ ଜମିକୁ ଜବରଦଖଲମୁକ୍ତ କରାଯାଉ ନ ଥିବାରୁ ପଞ୍ଚାୟତ ମିଶନ ଶକ୍ତି ଗୃହପାଇଁ ମଞ୍ଜୁର ହୋଇଥିବା ଅନୁଦାନରେ ଗୃହ ନିର୍ମାଣ ହୋଇପାରୁନାହିଁ ବୋଲି ରୂପବତୀ ଧଳ, ଝରାବତୀ ସାହୁ, ବିନୋଦିନୀ ବେହେରା, ସସ୍ମିତ ବାରିକ, ସୁକାନ୍ତି ସାହୁ, ଶାନ୍ତିଲତା ବେହେରା, ପ୍ରମିଳା ପରିଡା, ସସ୍ମିତା ପୃଷ୍ଟି, ରେବତୀ ସାହୁ, ଅନ୍ନପୂର୍ଣ୍ଣା ପରିଡା ପ୍ରମୁଖ ବଗଡା ପଞ୍ଚାୟତର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତାମାନେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ସ୍ୱାମୀଙ୍କୁ ରକ୍ଷା କରିବାକୁ ଯାଇ ପତ୍ନୀ ଆହତ

ଧର୍ମଶାଳା, ୧୩/୧୨(ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ପାଖର ପଞ୍ଚାୟତ ବିରିବାଟି(ଓସରା) ଗ୍ରାମରେ ରହୁଥିବା ନରସିଂହପୁର ଗ୍ରାମର ରାଜୀବ ସେଠୀଙ୍କୁ ରକ୍ଷା କରିବାକୁ ଯାଇ ପତ୍ନୀ ବିଛା ସେଠୀ(୬୫) ଆହତ ହୋଇଛନ୍ତି । ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ହାତକୁ ଏକ କଟୁରୀରେ ହାଣି ଦେବା ସହିତ ତାଙ୍କୁ ଜାତିଆଣ ଆକ୍ଷେପ କରିଥିବା ନେଇ ସେ ଥାନାରେ ଏତଲା ଦେଇଛନ୍ତି । ଏ ସଂପର୍କରେ ଅଭିଯୋଗ ପାଇ ପୁଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି । ପ୍ରକାଶ ଯେ, ରାଜୀବ ଓ ବିଛା ଆଜି ଅପରାହ୍ଣରେ ଘରେ ଖାଉଥିବା ବେଳେ



ତାଙ୍କ ଘର ନିକଟରେ ଗ୍ରାମର ୨ଜଣ ବ୍ୟକ୍ତି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରୁଥିଲେ । ଏହାକୁ ଉକ୍ତ ଦମ୍ପତି ବିରୋଧ କରିଥିଲେ । ଏଥିରେ ଉତ୍‌କ୍ଷୀପ୍ତ ହୋଇ ଅଭିଯୁକ୍ତ ଏକ କଟୁରୀରେ ରାଜୀବଙ୍କୁ ହାଣିବା ପାଇଁ ଉଦ୍ୟମ କରିଥିଲା । ସ୍ୱାମୀଙ୍କୁ ରକ୍ଷା କରିବା ପାଇଁ ପତ୍ନୀ ଚେଷ୍ଟା କରୁଥିବା ବେଳେ କଟୁରୀ ଚୋଟରେ ବିଛାଙ୍କ ବାମ ହାତ ପାପୁଲି ହାଣି ହୋଇ ଯାଇଥିଲା । ପରେ ଅଭିଯୁକ୍ତ ଘଟଣାସ୍ଥଳରୁ ଫେରାର୍ ହୋଇ ଯାଇଥିଲା । ପରିବାର ଲୋକେ ତାଙ୍କୁ ନେଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇଥିଲେ । ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଆହତ ମହିଳା ଦାବି କରିଛନ୍ତି ।

## ମହିଳା ଡିଗ୍ରୀ ମହାବିଦ୍ୟାଳୟର ନୂତନ ଛାତ୍ରୀଙ୍କୁ ସ୍ୱାଗତ

ଧର୍ମଶାଳା, ୧୩/୧୨(ପିଏନ୍): ଧର୍ମଶାଳା ମହିଳା ଡିଗ୍ରୀ ମହାବିଦ୍ୟାଳୟର ଶିକ୍ଷା ବିଭାଗ ଓ ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ +୩ ପ୍ରଥମ ବର୍ଷ ଛାତ୍ରୀଙ୍କୁ ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଯାଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଇନ୍ଦୁପ୍ରଭା ସାମଲ ପୌରହିତ୍ୟ କରି କହିଲେ ଯେ ଶିକ୍ଷାର ମାନଦଣ୍ଡ ନିଜ ଶୃଙ୍ଖଳିତ ବିଚାରଧାରା ଓ ବ୍ୟବହାରରେ ପ୍ରତିଫଳିତ ହୋଇଥାଏ । ନାଗରିକ ଭାବେ ନିଜର ଅଧିକାର ଓ କର୍ତ୍ତବ୍ୟପ୍ରତି ସଚେତନ ହେବାକୁ ପରାମର୍ଶ ଦେଇଥିଲେ । ବିଭାଗୀୟ ମୁଖ୍ୟ ଡ. ରାଜ କିଶୋର ଜେନା ଓ ଅଧ୍ୟାପକ ସଚ୍ଚିଦାନନ୍ଦ ପ୍ରଧାନ ଯୋଗଦେଇ ନବାଗତ ଛାତ୍ରୀମାନଙ୍କୁ ନୈତିକତା ସମ୍ପର୍କରେ ମୂଲ୍ୟବାନ ଉପଦେଶ ଦେଇଥିଲେ ।

## ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ଏମଡ଼ିଏମ୍ ସଂଘର ମୟୂରଭଞ୍ଜ ଶାଖା ପକ୍ଷରୁ ବିକ୍ଷୋଭ

ବାରିପଦା,(ପିଏନ)- ମୟୂରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଏମ୍‌ଡ଼ିଏମ୍ ପାଚିକା ଓ ସହାୟିକାମାନଙ୍କର ୨୮ ମାସର ଏରିଆର ପ୍ରଦାନ ସହ ବକେୟା ୩ ମାସର ଦରମା ଏବଂ ବେଆଇନ ଭାବେ ଛଟେଇ ହୋଇଥିବା ପାଚିକା ଓ ସହାୟିକାମାନଙ୍କୁ ପୁନଃ ନିଯୁକ୍ତି ବାବଦରେ ଆଜି ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର ମୟୂରଭଞ୍ଜ ଶାଖା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ କରୋନା ମାର୍ଗଦର୍ଶୀକା ଅନୁପାଳନ ପୂର୍ବକ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଓଡ଼ିଶା ଏମଡ଼ିଏମ ୱାର୍କାରସ୍ ୟୁନିୟନର କୋଷାଧକ୍ଷ ଅମଲ ଦେଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିକର୍ତନ କବି, ପ୍ରଶାନ୍ତ ପରିଡ଼ା, କୁଞ୍ଜଲତା ମହାନ୍ତ, ସନ୍ଧ୍ୟା ବେହେରା, ମାଳତୀ ମହାନ୍ତ, ରଞ୍ଜିତା ରାଉତ, ମେରିଆ ହାଁସଦାଃ, ବୀଣାପାଣି ନାୟକ, ଆଲାଦି ହେମ୍ବ୍ରମ, କାଲୁ ଦେହୁରୀ, ମଞ୍ଜୁଳା ମହାନ୍ତ, ଆରତୀ କବି, ଅନ୍ନପୂର୍ଣ୍ଣା ବାରିକ ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରାଇଥିଲେ । ଏହାପରେ ଏକ ପ୍ରତିଧି ଦଳ କାର୍ଯ୍ୟାଳୟକୁ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ସେମାନଙ୍କ ୮ ଦଫା ଦାବିଗୁଡ଼ିକ ଉପରେ ଆଲୋଚନା କରିଥିଲେ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ୩ ମାସର ବକେୟା ଦରମା ପ୍ରଦାନ ନିମନ୍ତେ ବିଲ ଯାଇଛି । ପାଶ ହୋଇ ଆସିବା ପରେ ପ୍ରଦାନ କରାଯିବ । ଏଥି ସହିତ ୨୮ ମାସର ଏରିଆର ଟଙ୍କା ପ୍ରଦାନ ନିମନ୍ତେ ବିଲ ଯାଇଛି । ଭୁବନେଶ୍ୱରରୁ ପାଶ ହୋଇ ଆସିଲେ ମିଳିଯିବ ଏବଂ ଛଟେଇ ପାଚିକା ଓ ସହାୟିକାମାନଙ୍କ ଫାଇଲକୁ ଅନୁଧ୍ୟାନ କରି ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ । ସେହିପରି ଯେଉଁ ଦାବିଗୁଡ଼ିକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କ୍ଷମତା ପରିସରର ବାହାରେ ସେଗୁଡ଼ିକ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରାଇବେ ବୋଲି ପ୍ରକାଶ କରିଥିଲେ ।

## ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧକ୍ଷା ଅନୁପମା ପାଢୀଙ୍କ ଅଧକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ । ସମସ୍ତେ ରୋଗ, ମହାମାରୀ, ଭୂତାଣୁ, ଜୀବାଣୁ, କରୋନା ପ୍ରଭାବରୁ ରକ୍ଷା ପାଇବା ପାଇଁ ନିୟମିତ ସାବୁନରେ ଭଲ ଭାବରେ ହାତ ଧୋଇବା ଦ୍ୱାରା ହିଁ ଏହି ରୋଗ କମ କରିପାରିବା ବୋଲି ଜଣାଇଥିଲେ । ଏହା ପ୍ରତିବର୍ଷ ଅକ୍ଟୋବର ମାସ ୧୫ ତାରିଖରେ ୨୦୦୮ ମସିହାରୁ ମିଳିତ ଜାତିସଂଘ ତରଫରୁ ସମଗ୍ର ବିଶ୍ୱରେ ପାଳିତ ହୋଇ ଆସୁଅଛି । ଶେଷରେ ଅଧାପିକା ସଙ୍ଗୀତା ନେତାମ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା । ନିଆଁ ଲାଗିଥିବା ସପିଂ ମଲର ଅଳ୍ପ ଦୂରରେ ଥିବା ଏକ ପେଟ୍ରୋଲ ପମ୍ପ ରହିଥିବାରୁ ସେଥିରେ ଯେପରି ନିଆଁ ନ ଧରିବ ସେଥି ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା କରାଯାଇଥିଲା । ରାଇରଙ୍ଗପୁର ପୁଲିସ ଘଟଣାସ୍ଥଳରେ ପହଁଚି ମୁଖ୍ୟ ରାସ୍ତାକୁ ସିଲ୍ କରିଦେଇଥିଲେ । ସପିଂ ମଲରେ ଅଗ୍ନିକାଣ୍ଡ ଘଟିବାର ସଠିକ୍ କାରଣ ବର୍ତମାନ ପର୍ଯ୍ୟନ୍ତ ଜଣାପଡ଼ିନଥିବା ସମୟରେ ସଟ୍ ସର୍କିଟ୍ କାରଣରୁ ଘଟିଥାଇ ପାରେ ବୋଲି ସନ୍ଦେହ କରାଯାଇଥିବା ସମୟରେ ରାଇରଙ୍ଗପୁର ଉପଖଣ୍ଡରେ ଏହି ପ୍ରକାରର ଭୟାବହ ଅଗ୍ନିକାଣ୍ଡ ପ୍ରଥମ ଘଟଣା ବୋଲି ଜଣାପଡ଼ିଛି ।

## ଚିହ୍ନଟ ହେଲେ ନୂଆ ୬୭ ଆକ୍ରାନ୍ତ

ଭଦ୍ରକ, (ପିଏନ)- ଭଦ୍ରକ ଜିଲ୍ଲାରୁ ଆଜି ନୂଆ କରୋନା ଆକ୍ରାନ୍ତ ୬୭ଜଣ ଚିହ୍ନଟ ହୋଇଛନ୍ତି । ଜିଲ୍ଲାରୁ ମୋଟ ୧ ଲକ୍ଷ ୩୦୪୯ ଜଣଙ୍କ ନମୁନା ପରୀକ୍ଷା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ପହଂଚିଛି ୬୧୬୬ରେ । ତେବେ ଏମାନଙ୍କ ମଧ୍ୟରୁ ୫୫୯୧ଜଣ ସୁସ୍ଥ ହୋଇ ସାରିଛନ୍ତି । ଗତକାଲି ୧୧୪ ଜଣ ସୁସ୍ଥ ହେବା ପରେ ନୂଆ ଆକ୍ରାନ୍ତଙ୍କୁ ମିଶାଇ ଏବେ ମୋଟ ୫୬୦ଜଣ ଆକ୍ରାନ୍ତ ସକ୍ରିୟ ରହି ଚିକିତ୍ସିତ ହେଉଛନ୍ତି । ଚିହ୍ନଟ ହୋଇଥିବା ନୂଆ ଆକ୍ରାନ୍ତମାନେ ବାସୁଦେବପୁର ବ୍ଲକର ୨ଜଣ, ଭଦ୍ରକ ବ୍ଲକର ୪ଜଣ, ଭଦ୍ରକ ପୌରପାଳିକାର ୬ଜଣ, ବନ୍ତ ବ୍ଲକର ୧୯ଜଣ, ଭଣ୍ଡାରିପୋଖରୀ ବ୍ଲକର ୩ଜଣ, ଚାନ୍ଦବାଲି ବ୍ଲକର ଜଣେ, ଧାମନଗର ବ୍ଲକର ୨୬ଜଣ, ତିହିଡି ବ୍ଲକର ୬ଜଣ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି ।

## ଫସଲ କ୍ଷୟକ୍ଷତିର ଅନୁଧ୍ୟାନ କଲା କେନ୍ଦ୍ରୀୟ ଟିମ୍

ଧର୍ମଶାଳା, ୧୩/୧୨(ପିଏନ୍): ବାତ୍ୟା ଜୱାଦ ପ୍ରଭାବରେ ଧର୍ମଶାଳା ବ୍ଲକରେ ହୋଇଥିବା ଫସଲ କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି କେନ୍ଦ୍ରୀୟ ଟିମ୍ । ଶାଶ୍ୱତ ମହାପାତ୍ର ଓ ମାନସ ସିହ୍ନାଙ୍କ ନେତୃତ୍ୱରେ ଆଜି ଅପରାହ୍ନରେ ଆସିଥିବା ଏହି ଟିମ୍ ଅରେଇକଣା ଓ ଅରାବଳ ପଞ୍ଚାୟତର ଧାନ, ବାଦାମ, ବିରି ଓ ପନିବରିବା ଫସଲ କ୍ଷୟକ୍ଷତିର ଆକଳନ କରିଛନ୍ତି । ବର୍ଷା ଯୋଗୁ ଫସଲ ନଷ୍ଟ ହୋଇଥିବା ଚାଷଜମି ବୁଲି ଦେଖିବା ସହିତ କ୍ଷତିଗ୍ରସ୍ତ ଚାଷୀମାନଙ୍କ ସହିତ ଆଲୋଚନା କରିଥିଲେ । କୃଷକନେତା ତଥା ଅରାବଳ ସରପଞ୍ଚ ନିର୍ମଳ ସାମଲ ଏହି ଟିମ୍‌କୁ ନଷ୍ଟ ହୋଇଥିବା ବିଭିନ୍ନ ଫସଲ ଦେଖାଇଥିଲେ । ଯାଜପୁର ଉପଜିଲ୍ଲାପାଳ ଶରତ ଚନ୍ଦ୍ର ମହାପାତ୍ର, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଅଜୟ କୁମାର ସେନାପତି, ଧର୍ମଶାଳା ତହସିଲଦାର ସ୍ୱାଗତ ଦାସ, ବ୍ଲକ କୃଷି ଅଧିକାରୀ ପ୍ରଦୀପ କୁମାର ମହାନ୍ତି, ବ୍ଲକ ସହ କୃଷି ଅଧିକାରୀ ପଲ୍ଲବୀ ନାୟକ ପ୍ରମୁଖ କ୍ଷେତ୍ର ପରିଦର୍ଶନରେ କେନ୍ଦ୍ରୀୟ ଟିମ୍‌କୁ ସହାୟତା କରିଥିଲେ । ସୂଚନା ଯୋଗ୍ୟ, ବାତ୍ୟା ପ୍ରଭାବରେ ଯାଜପୁର ଜିଲ୍ଲା ମଧ୍ୟରୁ ଧର୍ମଶାଳା ବ୍ଲକରେ ସର୍ବାଧିକ ୬୮ମି.ମି ବର୍ଷା ହୋଇଥିବା ରେକର୍ଡ କରାଯାଇଥିଲା । ଫଳରେ ଏହି ବ୍ଲକର ୧୧୨ଟି ମୌଜାର ୨୧୮୦ ହେକ୍ଟର ଧାନ ଓ ୫୫୦ହେକ୍ଟର ପନିପରିବା ଚାଷ କ୍ଷତି ହୋଇଥିବା କୃଷି ବିଭାଗ ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟକୁ ଅବଗତ କରାଯାଇଛି ।

### ଧର୍ମଶାଳା ବିଜେଡ଼ିର ମିଶ୍ରଣ ପର୍ବ

ଧର୍ମଶାଳା, ୧୩/୧୨(ପିଏନ୍): ଧର୍ମଶାଳା ବ୍ଲକ ବିଜେଡ଼ିର ଏକ ମିଶ୍ରଣ ପର୍ବ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସର ଇଣ୍ଡୋର ହଲ୍‌ରେ ଆଜି ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟମନ୍ତ୍ରୀଙ୍କ ନୀତିଆଦର୍ଶ ଓ ଧର୍ମଶାଳା ବିଧାୟକଙ୍କ ବିକାଶମୂଳକ କାର୍ଯ୍ୟରେ ପ୍ରଭାବିତ ହୋଇ ୧୩ନମ୍ବର ଜୋନ୍ ନେଉଳପୁର ପଞ୍ଚାୟତର ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ଦଳ ତ୍ୟାଗକରି ବିଜେଡ଼ିରେ ଯୋଗ ଦେଇଥିଲେ । ସଂଗଠକ ସମସୁଲ ଖାନ୍‌ଙ୍କ ନେତୃତ୍ୱରେ ଆସିଥିବା ଶତାଧିକ କର୍ମୀଙ୍କୁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଦଳୀୟ ଉତରୀୟ ପିନ୍ଧାଇ ସ୍ୱାଗତ କରିଥିଲେ । ଜିଲ୍ଲା ବିଜେଡ଼ି ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ବ୍ଲକ ସଭାପତି ଜଳଧର ମହାନ୍ତି, ଜିଲ୍ଲା ପରିଷଦ ସଭ୍ୟ ନିରନ ରାଉତ, ସରପଞ୍ଚ ଦିବାକର ବେହେରା, ବିକ୍ରମ ବିଶ୍ୱାଳ, ପଞ୍ଚାନନ ରାଉତ, ଇନ୍ତେକାବ୍ ଆଲାମ୍, ସୀବ କୁମାର ଜେନା, ପୂର୍ବତନ ସରପଞ୍ଚ ମୁଟୁରି ନାୟକ, ବିଜେଡି ନେତା ନିରନ ବଳ, ନିର୍ମଳ ଚନ୍ଦ୍ର ପ୍ରଧାନ, ପ୍ରସନ୍ନ କୁମାର ରାଉତ, ବ୍ଲକ ଯୁବ ବିଜେଡି ସଭାପତି କ୍ଷିତୀଶ କୁମାର ନାୟକ, ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ ଓ ଯୁବନେତା ପ୍ରତାପ ପ୍ରଧାନ ମିଶ୍ରଣ ପର୍ବରେ ଯୋଗ ଦେଇଥିଲେ ।

### ଯୋଡା ବିଜେଡି ଓ ସତାଧୀକ ଯୋଡ଼ା ବାସି ପକ୍ଷରୁ ସହୀଦଙ୍କୁ ଶ୍ରଦ୍ଧାଞ୍ଜଳି

ଯୋଡା(ପିଏନ):ତାମିଲନାଡୁ କୁଣ୍ଡୁର ଠାରେ ହେଲିକାପ୍ଟର ଦୁର୍ଘଟଣା ରେ ପ୍ରାଣ ହରାଇଥିବା ଭାରତ ପ୍ରତିରକ୍ଷା ବିଭାଗର ମୁଖ୍ୟ ଜେନେରାଲ ବିପିନ ଲକ୍ଷଣ ରାୱତ ଙ୍କ ଆକସ୍ମିକ ବିୟୋଗରେ ସାରାଭାରତ ମର୍ମାହତ । ଏହି ଦୁର୍ଘଟଣାରେ ସିଡିଏସ ଙ୍କ ବ୍ୟତୀତ ଆଉ ୧୨ ଜଣ ମଧ୍ୟ ପ୍ରାଣ ହରାଇଥିଲେ । ଆମ ଓଡିଶା ମାଟିର ସୁପୁତ୍ର ଅନୁଗୁଳ ଜିଲ୍ଲା କୃଷ୍ଣଚନ୍ଦ୍ରପୁର ର ରାଣାପ୍ରତାପ ଦାସ ମଧ୍ୟ ଏହି ଦୁର୍ଘଟଣାରେ ସହୀଦ ହୋଇଛନ୍ତି । ତେବେ ଏହି ପରିପ୍ରେକ୍ଷୀରେ ସହିଦଙ୍କ ନିମନ୍ତେ ଆଜି ଅପରାହ୍ନ ୫.୩୦ ମିନିଟରେ ଚମ୍ପୁଆ ବିଧାୟିକା ମିନାକ୍ଷୀ ମହାନ୍ତଙ୍କ ନିର୍ଦ୍ଦେଶ କ୍ରମେ ବିଜେଡି ଜିଲ୍ଲା ଉପସଭାପତି ରବିନ୍ଦ୍ର କୁମାର ଦାସ ଏବଂ ବିଜେଡି ଜିଲ୍ଲା ସଂପାଦକ ବାବୁଲାଲ ସାହୁଙ୍କ ନେତୃତ୍ୱରେ ଯୋଡା ବିଜେଡିର ଶତାଧିକକର୍ମୀ ଏବଂ ଯୋଡା ସହରର ଜନସାଧାରଣ ଯୋଡା ବସଷ୍ଟାଣ୍ଡରେ ଏକତ୍ରିତ ହୋଇ ୨ ମିନିଟ ନିରବ ପ୍ରାର୍ଥନା କରିବା ସହ ମହମବତୀ ଜଳାଇ ଯୋଡା ସହର ପରିକ୍ରମା କରିଥିଲେ । ଦେଶଭକ୍ତିର ଗାନ ଏବଂ ବାଦ୍ୟ ଯନ୍ତ୍ର ବଜାଇ ସହୀଦ ବିପିନ ରାୱତ ଅମର ରହେ ର ଧ୍ୱନି ଯୋଡା ସହରରେ ଗୁଞ୍ଜରିତ ହୋଇ ଏକ ଦେଶପ୍ରେମ ର ବାତାବରଣ ସୃଷ୍ଟି କରିଥିଲା ।

## କେଡିଏମ କ୍ରିକେଟ ଟୁର୍ଣ୍ଣାମେଂଟ: ଅିରା,କବାଟବନ୍ଧ, କଂଟିଗଡିଆ ଓ ରାଇଛନ୍ଦା ବିଜୟୀ

ଧର୍ମଶାଳା, ୧୩/୧୨(ପିଏନ୍): ଧର୍ମଶାଳା ବ୍ଲକ କଳ୍ପତରୁଦାସ ମେମୋରିଆଲର ସପ୍ତମ ବାର୍ଷିକ କ୍ରିକେଟ ଟୁର୍ଣ୍ଣାମେଂଟରେ ଆଜି ୨ ଗୋଟି ପଡିଆରେ ଅନୁଷ୍ଠିତ ୪ଗୋଟି ମ୍ୟାଚରେ ଅିରା, କବାଟବନ୍ଧ, କଂଟିଗଡିଆ ଓ ରାଇଛନ୍ଦା ଟିମ ବିଜୟୀ ହୋଇଛନ୍ତି । ଏହି ବ୍ଲକ ବାରକଣା ଖେଳପଡିଆରେ ଅିରା ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ ହରାଇ ୧୭୦ରନ କରିଥିଲା । ଏହାର ଜବାବରେ ଚକ୍ରଧରପୁର ଟିମ ବ୍ୟାଟି କରି ୧୩.୨ ଓଭରରେ ସମସ୍ତ ଉଇକେଟ ହରାଇ ୧୧୬ ରନ କରି ପରାସ୍ତ ହୋଇଥିଲା । ସେହିପରି ଦ୍ୱିତୀୟ ମ୍ୟାଚରେ ମର୍ଜିତାପୁର ପ୍ରଥମେ ବ୍ୟାଟିଂ କରି ୬ଉଇକେଟ ହରାଇ ୧୨୮ରନ କରିଥିଲା । ଏହାର ଜବାବରେ କବାଟବନ୍ଧ ଟିମ ୧୩.୨ଓଭରରେ ୭ଉଇକେଟ ହରାଇ ୧୨୯ରନ କରି ବିଜୟୀ ହୋଇଥିଲା । ଆଜିର ଉଭୟ ମ୍ୟାଚକୁ ସୁବ୍ରତ ଜେନା ଓ ନାରାୟଣ ପାଳ ପରିଚାଳନା କରିଥିଲେ । ଏହି ବ୍ଲକ ତରିଆ ଖେଳପଡିଆରେ ଅନୁଷ୍ଠିତ ଅନ୍ୟ ଏକ ମ୍ୟାଚରେ କ୍ଷେତ୍ରପାଳ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ମଧ୍ୟରୁ ୧୨.୫ ଓଭରରେ ସମସ୍ତ ଉଇକେଟ ହରାଇ ୮୯ ରନ କରିଥିଲା । ଜବାବରେ କଂଟିଗଡିଆ ଟିମ ୮.୪ ଓଭରରେ ବିନା ଉଇକେଟରେ ୯୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଏହି ମ୍ୟାଚକୁ ଅବିନାସ ସାମଲ ଓ ଉତମ ସାମଲ ପରିଚାଳନା କରିଥିଲେ । ଏଠାରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ରାଇଛନ୍ଦା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ହରାଇ ୨୦୬ରନ କରିଥିଲା । ଜବାବରେ ହରିଦାସପୁର ଟିମ ୧୦.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୦୦ରନ କରି ପରାସ୍ତ ହୋଇଥିଲା । ଏହି ମ୍ୟାଚକୁ ଅମୀୟ ପରିଡା ଓ ସୌଭାଗ୍ୟ ମୁଦୁଲି ପରିଚାଳନା କରିଥିଲେ । ମଙ୍ଗଳବାର ବାରକଣା ଖେଳପଡିଆରେ ମଧୁସୁଦନପୁର ଟିମ ସହିତ ଗଡମଧୁପୁର ଟିମ ଓ ଏଣ୍ଡଲବା ଟିମ ସହିତ ତାଳଜଙ୍ଗ ଟିମ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ । ସେହିପରି ତରିଆ ଖେଳପଡିଆରେ ପାଖର ଟିମ ସହିତ କୁମାରୀ ଓ ଆରୁହା ଟିମ ସହିତ ଗଙ୍ଗାଧରପୁର ଟିମ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କେଡିଏମ ଉପାଧ୍ୟକ୍ଷ ରଶ୍ମୀରନ ରାୟ ସୂଚନା ଦେଇଛନ୍ତି ।

## କବିତା ହେଉଛି ଏକ କ୍ଷଣିକ ଦିବ୍ୟ ଚେତନାର ମୁହୂର୍ତ୍ତ

ଧର୍ମଶାଳା, ୧୩/୧୨(ପିଏନ୍): କିଶୋରୀ ପ୍ରେମିକା ପରି କବିତା ହୃଦୟକୁ ଆନ୍ଦୋଳିତ କରେ । କବିତା ହେଉଛି ଏକ ଦିବ୍ୟ ଚେତନାର ମୁହୂର୍ତ୍ତ ବୋଲି ବହୁ ବିଶିଷ୍ଟ କବି ମତବ୍ୟକ୍ତ କରିଛନ୍ତି । ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବ ଓଡିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ପବିତ୍ର ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଜାରକା ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପ୍ରଖ୍ୟାତ କବି ନିତ୍ୟାନନ୍ଦ ନାୟକ ଯୋଗଦେଇ ଉତ୍ସବକୁ ଉଦଘାଟନ କରିଥିଲେ । ଅନୁଷ୍ଠାନର ସଭାପତି ରମାକାନ୍ତ ଜେନା ସ୍ୱାଗତ ଭାଷଣ ଦେଇଥିଲା ବେଳେ ଡ. ରୁଦ୍ରନାରାୟଣ ପୃଷ୍ଟି ଅତିଥି ପରିଚୟ ପ୍ରଦାନ କରିଥିଲେ । କବି ସୁବ୍ରତ ଦାସଙ୍କ ସଂଯୋଜନାରେ ନିମନ୍ତ୍ରିତ କବି ଭାବେ ନିରାକାର ଦାସ, ଅନ୍ନପୁର୍ଣ୍ଣା ମହାନ୍ତି, ଡ. ଶ୍ରୀହରୀ ଧଳ, ସୁଚିତ୍ରା ପାଣିଗ୍ରାହୀ, ବୃନ୍ଦାବନ ଦାସ, ପଦ୍ମଜା ସରଣ, ଡ. ତୁହିନାଂଶୁ ରଥ, ଲୋପାମୁଦ୍ରା ଜେନା, ନୃସିଂହ ତରାଇ,ସବିତା କର, କିଶୋର ପାଣିଗ୍ରାହୀ,ଖଗେଶ୍ୱର ମହାନ୍ତି, ରାମଚନ୍ଦ୍ର ଦାସ, ଅଜୟ ବଳ. ମିନତୀ ସାହୁ, ନାରାୟଣ ଶତପଥୀ, ଚନ୍ଦନ ପ୍ରଧାନ ଯୋଗଦେଇ କବିତା ପାଠ କରିଥିଲେ । ଆଇନଜୀବୀ ସନ୍ତୋଷ କୁମାର ତରେଇ କବିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ । କବି ବ୍ରଜ କିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଡ. ମହେଶ୍ୱର ଜେନା ସାମନ୍ତ, ପ୍ରଦୀପ ସାମଲ ଓ ପ୍ରତାପରୁଦ୍ର ପଣ୍ଡା କବିତା ପାଠଉତ୍ସବରେ ସହାୟତା କରିଥିଲେ ।

## ଆନନ୍ଦପୁରର ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ବି.ଏନ୍. ହାଇସ୍କୁଲର ୯୦ବ୍ୟାଚ୍ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ ଡିସେମ୍ବର ୨୬ରେ

ଆନନ୍ଦପୁର: ଆନନ୍ଦପୁର ସ୍ଥିତ ସର୍ବ ପୁରାତନ ଶିକ୍ଷାନୁଷ୍ଠାନ ବଳଭଦ୍ର ନାରାୟଣ ଉଚ୍ଚ ବିଦ୍ୟାଳୟର ୯୦ ମାଟ୍ରିକ୍ ବ୍ୟାଚ୍‌ର ପୁରାତନ ଛାତ୍ରଙ୍କ ବନ୍ଧୁ ମିଳନ କାର୍ଯ୍ୟକ୍ରମ ବିଦ୍ୟାଳୟ ପରିସରରେ ଡିସେମ୍ବର ୨୬ତାରଖ ରବିବାର ଦିନ ଅନୁଷ୍ଠିତ ହେବ ବୋଲି ଜଣାପଡିଛି । ୯୦ ବ୍ୟାଚ୍ ପୁରାତନ ଛାତ୍ର ସଂଘ ପକ୍ଷରୁ ଦୀର୍ଘ ୬ ବର୍ଷ ଧରି ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଆସୁଥିବା ବେଳେ ଗତବର୍ଷ କୋଭିଡ୍-୧୯ ଯୋଗୁଁ ବନ୍ଧୁ ମିଳନ ଫିକା ପଡିଥିଲା । ଚଳିତ ବର୍ଷ କଟକଣା କୋହଳ ଯୋଗୁଁ ପୁରାତନ ଛାତ୍ର ସଂଘର ସଭାପତିଙ୍କ ସଂଯୋଜନାରେ ବନ୍ଧୁ ମିଳନ ଆୟୋଜନ କରାଯିବା ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ସର୍ବ ପୁରାତନ ହାଇସ୍କୁଲକୁ ୫-ଟି ଅନ୍ତର୍ଭୁକ୍ତ କରାଯାଇ ଥିବାରୁ ସ୍କୁଲର ପୁରାତନ ଛାତ୍ର ସଂଘ ପକ୍ଷରୁ ସ୍କୁଲର ଉନ୍ନତିକରଣ ବିଷୟରେ ଆଲୋଚନା କରାଯିବା ସହ ୯୦ ମାଟ୍ରିକ୍ ବ୍ୟାଚ୍‌ର ଦିଗତ ଶିକ୍ଷକ ଓ କିଛି ଜଣ ଛାତ୍ର ମୃତ୍ୟୁବରଣ କରିଥିବାରୁ ଏକ ଶୋକ ସଭା ଅନୁଷ୍ଠିତ କରାଯିବା ନେଇ ସ୍ଥିର ହୋଇଛି । ଆଇଜୀବୀ ପ୍ରଭୂ ବିଦ୍ୟାର୍ଥୀ ପଣ୍ଡିତ, ବିଷ୍ଣୁ ନାଏକ, ହେମନ୍ତ ସାହୁ, ଜିତୁଲାଲ ପ୍ରଧାନ, ନିର୍ମଳ ଚନ୍ଦ୍ର ରାଉଳ, ଉପେନ୍ଦ୍ର ଦାସ, ଅଭିନ୍ନ ରଣା, କିଶୋର ପାଢୀ, ଅଶୋକ ମିଶ୍ର, ଶୁଭ୍ରାଂଶୁ ବାରିକ, ପ୍ରଦୀପ କୁମାର ସାହୁ, ଗଗନ ବିହାରୀ ସାହୁ ପ୍ରମୁଖ ଏହି ବ୍ୟାଚ୍‌ର ପୁରାତନ ଛାତ୍ରଙ୍କୁ ଆସି ଯୋଗ ଦେବାକୁ ନିମନ୍ତ୍ରଣ କରାଯାଇଛି




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK




Bhubaneswar Tuesday December 14, 2021 ଭୁବନେଶ୍ୱର ମଙ୍ଗଳବାର, ଡିସେମ୍ବର ୧୪,୨୦୨୧ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଅନ୍ତ ମହାବିଦ୍ୟାଳୟ ସ୍ତରୀୟ ଚେସ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ



ବାରିପଦା,(ପି.ଏନ): ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟ ଅଧିନରେ ଅନ୍ତ ମହାବିଦ୍ୟାଳୟସ୍ତରୀୟ ଚେସ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି । ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଅଧକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କୃତି ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ ଏବଂ ଟ୍ରଫି ପ୍ରଦାନ କରିଥିଲେ । ମହିଳା ବିଭାଗରେ ମହାରାଜ ଶ୍ରୀରାମ ଚନ୍ଦ୍ର ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗ ଚମ୍ପିୟାନ ହୋଇଥିବା ବେଳେ ପୁରୁଷ ବିଭାଗର ମହାରାଜାପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟ ଚମ୍ପିୟାନ ହୋଇଥିଲେ । ମହିଳା ବିଭାଗରେ ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟ ପି.ଜି. ଛାତ୍ରୀ ଏସ.ଡି. ଅନୁପ୍ରିୟା ମାଝୀ ସବୁଠାରୁ ଭଲ ଚେସ ଖେଳାଳି ଏବଂ ମହାରାଜାପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ର ଅସୀତ କୁମାର ମହାନ୍ତି ପୁରୁଷ ବିଭାଗରେ ସବୁଠାରୁ ଭଲ ଚେସ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା । ବିଶ୍ୱବିଦ୍ୟାଳୟ ଖେଳ ଶିକ୍ଷକ ପ୍ରଦୀପ୍ତ ରନ ଦାସ ଖେଳ ପରିଚାଳନା କରିଥିବା ବେଳେ ରାଗଧାସ୍ଥିତ ଶ୍ରୀରାମଚନ୍ଦ୍ର ଭଦେଓ ମହାବିଦ୍ୟାଳୟ ଖେଳ ଶିକ୍ଷକ ଧନୟ ତ୍ରିପାଠୀ, ବସନ୍ତ କୁମାର ସାହୁ, ଅଭିଷେକ ଆଚାର୍ଯ୍ୟ, ଅବିନାଶ ସାହୁ ଆରବିଟର ଭାବେ କାର୍ଯ୍ୟ କରିଥିଲେ । ମହାରାଜା ଶ୍ରୀରାମଚନ୍ଦ୍ର ଭଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ବିଭାଗର ଚେୟାରମେନ ପ୍ରଫେସର ଅନୀଲ କୁମାର ବିଶ୍ୱାଳ ଅନ୍ତ ମହାବିଦ୍ୟାଳୟ ସ୍ତରୀୟ ଚେସ ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ ।

### କଥା ରଖିଲେ ମୁଖ୍ୟମନ୍ତ୍ରୀ : ପଂଚାୟତ ପ୍ରତିନିଧି ଙ୍କୁ ପ୍ରସାଦ ବାଂଟିଲେ

ଭୁବନେଶ୍ୱର,(ପି.ଏନ):ଆଜି ଗଞ୍ଜାମ ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଜିଲ୍ଲାର ପଂଚାୟତ ପ୍ରତିନିଧି ମାନଙ୍କୁ ତାରାତରିଣୀ ମନ୍ଦିରରେ ଭେଟି ମାଙ୍କ ପ୍ରସାଦ ବାଂଟି ଥିଲେ । ସୂଚନାଯୋଗ୍ୟ ଯେ କରୋନାର ପ୍ରଥମ ଲହରରେ ଗଞ୍ଜାମ ବିଶେଷ ଭାବରେ ପ୍ରଭାବିତ ହୋଇଥିଲା । ବାହାରେ ରହୁଥିବା ଓଡ଼ିଶା ବାସୀ ମଧ ଲକ୍ ଡାଉନ୍ ଯୋଗୁଁ ଘରକୁ ଫେରି ଥିଲେ । ଜିଲ୍ଲାରେ କରୋନାର ମୁକାବିଲା ପାଇଁ ମୁଖ୍ୟମନ୍ତ୍ରୀ ସେତେବେଳେ ସରପଂଚ ମାନଙ୍କୁ ଜିଲ୍ଲା ପାଳ କ୍ଷମତା ଦେଇ ଥିଲେ । ସରପଂଚ ଅନ୍ୟ ପଂଚାୟତ ପ୍ରତିନିଧି ମାନେ ମଧ ନିଷ୍ଠାର ସହ ଲୋକଙ୍କୁ ସେବା ଯୋଗାଇ ଦେଇଥିଲେ ।

## ମହିମା ସେଠୀଙ୍କୁ ସାରଳା ଯୁବ ପୁରସ୍କାର

ଭୁବନେଶ୍ୱର, ୧୩।୧୨(ପି.ଏନ): କଟକ ବିଜୁ ପଟ୍ଟନାୟକ ଛକସ୍ଥିତ ସାରସ୍ୱତ ପୀଠ ସାରଳା ଭବନଠାରେ ସାରଳା ସାହିତ୍ୟ ସଂସଦ ପକ୍ଷରୁ ଆୟୋଜିତ ଏକ ଭବ୍ୟ ସମାରୋହରେ ବିଶିଷ୍ଟ ଯୁବ କବି ଇଂ ମହିମା ସେଠୀଙ୍କ 'ଇଙ୍କ୍ ଫ୍ରମ୍ ନାଇଟ୍ ସ୍କାଇଜ୍' ଇଂରାଜୀ କବିତାଗ୍ରନ୍ଥ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହକୁ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଡ. ରାଜେନ୍ଦ୍ର ପ୍ରସାଦ ମହାନ୍ତି ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ସାରଳା ସାହିତ୍ୟ ସଂସଦର ପ୍ରତିଷ୍ଠାତା ଓ ସଭାପତି ଡ. ଇଂ ପ୍ରଭାକର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରେଭେନ୍ସା କଲେଜର ପ୍ରାକ୍ତନ ଅଧକ୍ଷ ତଥା ବିଶିଷ୍ଟ




ଇଂରାଜୀ ସାହିତ୍ୟିକ ପ୍ରଫେସର ଡ. ପ୍ରଫୁଲ୍ଲ କୁମାର ମହାନ୍ତି, ଦିଲ୍ଲୀ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରଫେସର ଡ. ପ୍ରଭାକର ପାଲ୍‌କା, ମାଡ୍ରାସ୍ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ମୁଖ୍ୟ ପ୍ରଫେସର ଡ. ଏସ୍. ଅର୍ମଷ୍ଟ୍ରଙ୍ଗ ଏବଂ ବିଶିଷ୍ଟ ଇଂରାଜୀ କବି ଡ. ରବୀନ୍ଦ୍ର କୁମାର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗ୍ରନ୍ଥ ଉପରେ ବିଶଦ ଆଲୋଚନା କରିଥିଲେ । ଏହି ଅବସରରେ କବୀ ମହିମା ସେଠୀଙ୍କୁ ସଂସଦ ପକ୍ଷରୁ 'ସାରଳା ଯୁବ ପୁରସ୍କାର' ପ୍ରଦାନ କରାଯାଇଥିଲା । ଏହି ପୁରସ୍କାର ସ୍ୱରୂପ ୨୫ ହଜାର ଟଙ୍କା ଅର୍ଥରାଶି, ମାନପତ୍ର ଓ ଉପଢୌକନ ଦିଆଯାଇଥିଲା ।



### କେଡ଼ିଏମ୍ କ୍ରିକେଟ୍, ଗଙ୍ଗାଧରପୁର ବିଜୟୀ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ ତରିଆ ଗାଁ ଖେଳ ପଡ଼ିଆରେ ସପ୍ତମ ବାର୍ଷିକ କେଡ଼ିଏମ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ୧୩ନମ୍ବର ଜୋନ୍‌ସ୍ତରୀୟ ଖେଳ ଆଜିଠାରୁ ଆରମ୍ଭ ହୋଇଛି । କେଡ଼ିଏନ୍‌ଏଫ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଏହି ଖେଳକୁ ଉଦ୍‌ଘାଟନ କରିଥିଲେ । ଉଦ୍‌ଘାଟନୀ ଖେଳରେ ଥାନୁଆଳ ପଞ୍ଚାୟତକୁ ୧୦ଉଇକେଟ୍‌ରେ ପରାସ୍ତ କରି ଗଙ୍ଗାଧରପୁର ପଞ୍ଚାୟତ କ୍ୱାଟର ଫାଇନାଲରେ ପ୍ରବେଶ କରିଛି । ଥାନୁଆଳ ଦଳ ପ୍ରଥମେ ବ୍ୟାଟିଂ କରି ୧୪.୪ଓଭରରେ ସମସ୍ତ ଉଇକେଟ୍ ହରାଇ ୯୩ ରନ୍ କରିଥିଲା । ଦଳ ପକ୍ଷରୁ ଅୟସକାନ୍ତ ସେଠୀ ୨୨ ଓ ରିତେଶ୍ ଦୋରା ୧୭ରନ୍ କରିଥିଲେ । ବିପକ୍ଷ ଗଙ୍ଗାଧରପୁର ଦଳର ଦେବାଶିଷ ମହାରଣା ଓ ସୁରେଶ ବେହେରା ୨ଟି ଲେଖାଏଁ ଉଇକେଟ୍ ନେଇଥିଲେ । ଜବାବ୍‌ରେ ଗଙ୍ଗାଧରପୁର ଦଳ ବ୍ୟାଟିଂ କରି ୬.୨ଓଭରରେ ବିନା ଉଇକେଟ୍‌ରେ ୯୬ ରନ୍ କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ ରଂଜନ ବିଶ୍ୱାଳ ଅପରାଜିତ ୭୨ ଓ ସତ୍ୟପ୍ରକାଶ ଜେନା ୨୪ ରନ୍ କରିଥିଲେ ।

## ପାରାଦୀପ କୋଇଲା ଚୋରା ଚାଲଣ ମାମଲା- ତ୍ରିଶକ୍ତୀ ସିପିଙ୍ଗର ପରିଚାଳକ ଗିରଫ

ପାରାଦୀପ , (ପି.ଏନ): ବହୁ ଚର୍ଚ୍ଚିତ ପାରାଦୀପ କୋଇଲା ଚୋରା ଚାଲଣ ମାମଲାରେ ପାରାଦୀପ ପୋଲିସ୍ ତ୍ରିଶକ୍ତୀ ସିପିଙ୍ଗ ପ୍ରାଇଭେଟ୍ ଲିମିଟେଡ୍‌ର ସ୍ଥାନୀୟ ପରିଚାଳକ ତଥା ନିକଟସ୍ଥ କୁଜଙ୍ଗ ଥାନା ଅନ୍ତର୍ଗତ କାଳିଆପାଟ ଗ୍ରାମ ତଥା ପାରାଦୀପ ଗଡ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍‌ରେ ରହୁଥିବା ରମାକାନ୍ତ ମହାପାତ୍ରଙ୍କୁ ସୋମବାର ଦିନ କୋର୍ଟ ଚାଲଣ କରିଥିବା ପାରାଦୀପ ଆଦର୍ଶ ଥାନା ଅଧିକାରିଣୀ ଶୁଭଲକ୍ଷ୍ମୀ ପୂଜାରି ସୂଚନା ଦେଇଛନ୍ତି । ଘଟଣାରୁ ପ୍ରକାଶଯେ, ପାରାଦୀପ ବନ୍ଦର ମଧ୍ୟରୁ ୧୫ଗୋଟି ଟ୍ରକ୍ କୋଇଲା ବୋଝେଇ ଓ ବୋଝେଇ ଅପେକ୍ଷାରେ ଥିବା ୭ଗୋଟି ଟ୍ରକ୍‌କୁ ସନ୍ଦେହଜନକ ଭାବେ କାଗଜପତ୍ର ଯାଂଚ କରିଥିଲା ପାରାଦୀପ ବନ୍ଦରର ସୁରକ୍ଷା ଦାୟିତ୍ୱରେ ଥିବା ସିଆଇଏସଏଫ । କାଗଜପତ୍ର ତନଖି କରିବା ପରେ ଜାଲିଆତି ଥିବା ସନ୍ଦେହ ହେବା ପରେ ସିଆଇଏସଏଫ ପାରାଦୀପ ଆଦର୍ଶ ଥାନାରେ ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲା । ତତ୍‌କାଳୀନ ପାରାଦୀପ ଆଦର୍ଶ ଥାନା ଅଧିକାରୀ ଘଟଣାର ତଦନ୍ତ ଆରମ୍ଭ କରିଥିଲେ । ଏ ସମ୍ପର୍କରେ ପାରଦୀପ ଥାନାରେ ୨୧୭/୨୧ରେ ଏକ ମାମଲା ରୁଜୁ କରାଯାଇଥିଲା । ଝାଡଖଣ୍ଡ ରାଜ୍ୟର ଅତୀବିର ସଂସ୍ଥାର ମାଲ ହୋଇଥିବା ବେଳେ ଅଦ୍ୟାବଧି ଅତୀବିରର ଅଧିକାରୀ ଥାନାକୁ ନ ଆସିବା କୋଇଲା ଚୋରା ଚାଲଣ ଘଟଣାକୁ ସଂପୂର୍ଣ୍ଣ ଭାବେ ରହସ୍ୟ ଭିତରକୁ ଟାଣି ନେଇଛି । ଅପରପକ୍ଷରେ ପାରାଦୀପ ପୋଲିସ୍ ପ୍ରାରମ୍ଭିକ ଭାବେ ଇନ୍ ମେସିନାରୀନିଜ୍ ପ୍ରାଇଭେଟ୍ ଲିମିଟେଡ୍‌ର ୭ଜଣ ଅଧିକାରୀ ଓ କର୍ମଚାରୀଙ୍କୁ ଗିରଫ କରି କୋର୍ଟ ଚାଲଣ କରିଥିବା ବେଳେ ଇନ୍ ମେସିନାରୀନିଜ୍‌ର ମୁଖ୍ୟ ପାରାଦୀପ ଥାନାକୁ ଆସି ନିଜ ପକ୍ଷ ରହୁ ନାହାନ୍ତି କି ଅତିବୀର ସଂସ୍ଥାର ମୁଖ୍ୟ ବି ପୋଲିସ୍‌ର ତଦନ୍ତ ପ୍ରକ୍ରିୟାରେ ସାମିଲ ହେଉନାହାନ୍ତି ଯାହାକି କୋଇଲା ଚୋରା ଚାଲଣରେ ସେମାନଙ୍କର ସମ୍ପୃକ୍ତିକୁ ନେଇ ସନ୍ଦେହ ସୃଷ୍ଟି ହେଉଛି । ଏହି ଘଟଣା ପଛରେ ଆଉ କାହାର ହାତ ରହିଛି କି ନା ନାହିଁ ସେ ନେଇ ଚର୍ଚ୍ଚା ଜୋର ଧରିଛି । ସୋମବାର ଦିନ ଗିରଫ ହୋଇଥିବା ତ୍ରିଶକ୍ତୀ ସିପିଙ୍ଗ ପ୍ରାଇଭେଟ୍ ଲିମିଟେଡ୍‌ର ସ୍ଥାନୀୟ ପରିଚାଳକ ରମାକାନ୍ତ ହେଉଛନ୍ତି ପାରାଦୀପର ପୂର୍ବତନ ପୌରପାଳ ସ୍ୱର୍ଗତ ଗୋବିନ୍ଦ ଚନ୍ଦ୍ର ତରାଇଙ୍କ ପୁଅ ବୋଲି ଜଣାପଡିଛି ।

## ଗତ ୨୪ ଘଂଟା ମଧ୍ୟରେ ଭୁବନେଶ୍ୱରରେ ୬୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, (ପି.ଏନ): ଭୁବନେଶ୍ୱର ମହାନଗର ନିଗମ ଅଂଚଳରୁ ୬୩ ଜଣ କରୋନା ପଜେଟିଭ୍ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରେ ଲୋକାଲ୍ କଂଟାକ୍ଟ ୪୨ ଏବଂ କ୍ୱାରେଂଟିନରୁ ୨୧ ଜଣ ବୋଲି ବିଏମ୍‌ସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି ।ସୂଚନା ମୁତାବକ ଗତ ୨୪ ଘଂଟା ମଧ୍ୟରେ ୯୧ଜଣ ସୁସ୍ଥ ହୋଇଛନ୍ତି । ଏହାସହିତ ଭୁବନେଶ୍ୱରରେ ମୋଟ କରୋନା ସଂକ୍ରମଣଙ୍କ ସଂଖ୍ୟା ବଢ଼ି ୧,୨୨,୩୪୩୬ରେ ପହଂଚିଥିବାବେଳେ ଆରୋଗ୍ୟଙ୍କ ସଂଖ୍ୟା ୧,୨୦,୧୩୫ ରହିଛି ।

## ବାଜପେୟୀଙ୍କ ପ୍ରତିମୂର୍ତ୍ତୀ ଅନାବରଣକୁ ନେଇ ଦୁଇ ଭାଗରେ ପାରାଦୀପ ବିଜେପି

ପାରାଦୀପ , (ପି.ଏନ): ଆଗାମୀ ୨୫ ଡିସେମ୍ବର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମ ଦିବସ । ଏହି ଅବସରରେ ବାଜପେୟୀଙ୍କ ପୂର୍ଣ୍ଣ ଅବୟକ ଉନ୍ମୋଚନ ପାଇଁ ପ୍ରସ୍ତୁତ ଜୋରଦାର ଚାଲିଛି । ବାଜପେୟୀଜୀଙ୍କ ପ୍ରତିମୂର୍ତ୍ତୀକୁ ଅନାବରଣ କରିବା ପାଇଁ ବିଜେପିର ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ଅଟଳ ବିହାରୀ ବାଜପେୟୀ ଟ୍ରଷ୍ଟର ଅଧକ୍ଷ ଅଜିତ କୁମାର ଦାସ ଗଣମାଧମକୁ ସୂଚନା ଦେଇଥିଲେ । ସାଂସଦ ଅପରାଜିତାଙ୍କୁ ଅତିଥି ନକରିବା ପାଇଁ ଅଜିତଙ୍କ ଉପରେ ଚାପ ପକାଯାଇଥିବା ଏବଂ ତାଙ୍କୁ ମାଡ ମରାଯାଇଥିବା ନେଇ ଅଜିତ୍ ପାରାଦୀପ ଆଦର୍ଶ ଥାନା ରେ ଲିଖିତ ଅଭିଯୋଗ କରିଥିଲେ । ଏହାର ଦିନକ ପରେ ଜିଲ୍ଲା ବିଜେପିର ଉପସଭାପତି ଥିବା ଅଜିତଙ୍କୁ ବିଶୃଙ୍ଖଳିତ ଆଚରଣ ନିମନ୍ତେ ଉପସଭାପତି ପଦରୁ ବହିଷ୍କାର କରାଯାଇଥିଲା । ଏହା ପରୋକ୍ଷରେ ସ୍ଥାନୀୟ ବିଜେପି ନେତାଙ୍କ ପ୍ରରୋଚନାରେ କରାଯାଇଥିବା ସନ୍ଦେହ କରି ଏହାର ଦିନକ ପରେ ଅଜିତ୍ ସ୍ଥାନୀୟ ବିଜେପି ନେତାଙ୍କ ଦୁଇ ସମର୍ଥକଙ୍କୁ ବାଜପେୟୀ ଟ୍ରଷ୍ଟରୁ ବହିଷ୍କାର କରିଥିଲେ । ଏହି ଘଟଣାର କିଛି ଦିନ ପରେ ପାରାଦୀପ ମଧୁବନଠାରେ ସ୍ଥାନୀୟ ବିଜେପି ନେତାଙ୍କ ଆହ୍ୱାନରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଯୋଗ ଦେଇଥିବା ବିଜେପିର କର୍ମୀମାନେ ଅଜିତଙ୍କୁ କାହିଁକି ବହିଷ୍କାର କରାଗଲା ସେ ନେଇ ସ୍ଥାନୀୟ ନେତୃତ୍ୱଙ୍କୁ ପ୍ରଶ୍ନ କରିଥିଲେ । ଯେଉଁଥିରୁ ବାରି ହୋଇପଡୁଥିଲା ଯେ, ପାରାଦୀପ ବିଜେପି ଦୁଇ ଫାଳରେ ବିଭକ୍ତ ହୋଇଯାଇଛି । ଅଜିତଙ୍କ ଗତିରେ ରୋକ୍ ଲଗାଇବା ପାଇଁ ରବିବାର ଦିନ ପାରାଦୀପ ଷଣ୍ଢକୁଦ ବସ୍ତିର ୫ଜଣ ବ୍ୟକ୍ତି ବାଜପେୟୀ ଟ୍ରଷ୍ଟର ଅଧକ୍ଷ ତଥା ବହିଷ୍କୃତ ନେତା ଅଜିତଙ୍କ ବିରୁଦ୍ଧରେ ଚିଟ୍‌ଫଣ୍ଡ ଦୁର୍ନିତୀର ଅଭିଯୋଗ କରିଛନ୍ତି । ପାରାଦୀପ ଆଦର୍ଶ ଥାନାରେ ଏହି ୫ଜଣ ବ୍ୟକ୍ତି ଅଭିଯୋଗ କରିଛନ୍ତି ଯେ, ଅଜିତ୍ ଚିଟ୍‌ଫଣ୍ଡ ସଂସ୍ଥା ରୋଜଭ୍ୟାଲି ମାଧମରେ ଷଣ୍ଢକୁଦ ବସ୍ତିର ବହୁ ନିରୀହ ଲୋକମାନଙ୍କ ଅର୍ଥ ହଡପ୍ କରିଛନ୍ତି । ଅପରପକ୍ଷରେ ନୂଆବଜାରସ୍ଥିତ ଖଣ୍ଡିଆପାର୍କ( ବାଜପେୟୀ ପାର୍କ)ରେ ପ୍ରତିମୂର୍ତ୍ତୀ ଅନାବରଣ ପାଇଁ ପ୍ରସ୍ତୁତି ଜୋରଦାର ଚାଲିଥିବା ଦେଖିବାକୁ ମିଳିଛି । ତେବେ ଆଗକୁ ପଂଚାୟତ ନିର୍ବାଚନ ଓ ପରେ ପରେ ପୌର ଭୋଟ ଥିବା ବେଳେ ପାରାଦୀପ ବିଜେପି ଅଘୋଷିତ ଭାବେ ଦୁଇ ଭାଗରେ ବିଭକ୍ତ ହେବା ଦଳ ପାଇଁ ଶୁଭଙ୍କର ନୁହେଁ ବୋଲି ଆଲୋଚନା ହେଉଛି ।

## ଓଡିଶା ସମବାୟ କର୍ମଚାରୀ ମହାସଂଘର ଧାରଣା,ସରକାର ଦାବୀ ପୂରଣରେ ବିଳମ୍ୱ

ଖୋର୍ଦ୍ଧା,(ପିଏନ): ଓଡିଶା ସମବାୟ କର୍ମଚାରୀ ମହାସଂଘ ପକ୍ଷରୁ ରାଜ୍ୟର ୨୭୦୮ ସମବାୟ ସମିତିର କର୍ମଚାରୀ ମାନେ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କର ୭ ଦଫା ଦାବି ଓ ଓଡିଶା ସରକାରଙ୍କୁ ୫ ଦଫା ଦାବୀ ନେଇ ଗତ ମାସ ୧୪ ତାରିଖ ଠାରୁ କେନ୍ଦ୍ର ସମବାୟ ବ୍ୟାଙ୍କ ଓ ଏଆରସିଏସ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ । ଗତ ମାସ ୩୦ ତାରିଖ ଦିନ କର୍ମଚାରୀ ସଂଘର ପ୍ରତିନିଧି ସମବାୟ,ଖାଦ୍ୟ ଖାଉଟି କଲ୍ୟାଣ,ଯୋଗାଣ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ସମବାୟ ସଚିବ ଓ ନିବନ୍ଧକ ସମବାୟ ବିଭାଗ ଙ୍କ ଉପସ୍ଥିତିରେ ସମସ୍ୟା ସମାଧାନ ପାଇଁ ବିଚାର ବିମର୍ଷ ଚାଲିଥିଲା । ଏଥିରେ କୌଣସି ପନ୍ଥା ନ ବାହାରିବାରୁ କର୍ମଚାରୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ କରି ଚଳିତ ମାସ ୮ ତାରିଖରେ ଖାଉଟି କଲ୍ୟାଣ ବିଭାଗ ଯୋଗାଣ ବିଭାଗର ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବଙ୍କର ସରକାରୀ ବାସ ଭବନ ଆଗରେ ଶାନ୍ତିପୂର୍ଣ୍ଣ ଭାବରେ ଧାରଣାରେ ବସିଥିଲେ ।ସେଠାରେ ସୁଫଳ ନ ପାଇବାରୁ ୧୦ ତାରିଖ ଠାରୁ ଭୂବନେଶ୍ୱର ଲୋୟର ପିଏମଜି ଧାରଣା ସ୍ଥଳରୁ ନବୀନ ନିବାସ ଅଭିମୁଖେ ରାଲି ଯାଉଥିବା ସମୟରେ ପୋଲିସ ବଳ ଅଟକାଇ ବାଧା ଦେଇଥିଲେ । ଏ ସମ୍ପର୍କରେ ରାଜ୍ୟ ସରକାରଙ୍କ ପ୍ରତିନିଧି ତଥା ବିଧାୟକ ପ୍ରଣବ ପ୍ରକାଶ ଦାସ ପହଂଚି ଉଚ୍ଚ ସ୍ତରୀୟ ଆଲୋଚନା ପାଇଁ ପ୍ରତିଶୃତି ଦେଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇ ପାରି ନାହିଁ ।ଏହି ଘଟଣା ସମ୍ପର୍କରେ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ ଅଭିଯୋଗ ପ୍ରକୋଷ୍ଠ ଓ ୫ଟି ସଚିବଙ୍କୁ ଅବଗତ କରିଥିଲେ ମଧ୍ୟ ଦାବୀ ଗୁଡ଼ିକ ସମାଧାନ ଦିଗରେ ବିଳମ୍ୱ ଘଟୁ ଥିବାରୁ କର୍ମଚାରୀଙ୍କ ମନରେ ଅସନ୍ତୋଷ ପ୍ରକାଶ ପାଇଛି ।ତେବେ ଆଜି ଠାରୁ ଓଡିଶା ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି ବୋଲି ସଭାପତି ସିତାରାମ ପ୍ରଧାନ,ଉପ ସଭାପତି ଘନଶ୍ୟାମ ଜେନା,କାର୍ଯ୍ୟକାରୀ ସଭାପତି ନିତ୍ୟାନନ୍ଦ ଦାଶ,ସଙ୍ଗଠନ ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ସ୍ୱାଇଁ,ସାଧାରଣ ସମ୍ପାଦକ ଦିଗମ୍ବର ନାୟକ ଓ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ବ୍ଲକ ସଭାପତି ଝଜ ସାମନ୍ତରାୟ ପ୍ରମୁଖ ଆମ ପ୍ରତିନିଧିଙ୍କୁ ଲିଖିତ ସୂଚନା ଦେଇଛନ୍ତି ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray